

ଈଶ୍ୱର ନାମ ଆଗରେ ଜାତି ଧର୍ମର ବିଦ୍ୱେଷ ରହିବା ଉଚିତ୍ ନୁହେଁ।

- ଗୁରୁ ନାନକ

## ସଂକ୍ଷେପରେ

### ସାପ କାମୁଡ଼ାରେ ବୃଦ୍ଧ ମୃତ

ଜୟପୁର,୧୬।୬(ଡି.ଏନ୍.ଏ.): କୋରାପୁଟ ଜିଲା ବୈପାରୀଗୁଡା ଥାନା ଟାଙ୍ଗିଣିଗୁଡା ପଞ୍ଚାୟତର ରାମପୁର ଗ୍ରାମରେ ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ବୁଦୁ ଖରା (୬୦)। ଶନିବାର ରାତିରେ ଘର ବାରଣ୍ଡାରେ ଶୋଇଥିବା ବେଳେ ବିଷଧର ସାପ ତାଙ୍କର ଗୋଡ଼ରେ ଦଂଶନ କରିଥିଲା। ତୁରନ୍ତ ତାଙ୍କୁ ବୈପାରିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । କିନ୍ତୁ ସେଠାରେ ତାଙ୍କର ଅବସ୍ଥା ଗୁରୁତର ରହିଥିବା ଯୋଗୁ ତୁରନ୍ତ ଜୟପୁର ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଚିକିତ୍ସାଳୟ ପକ୍ଷରୁ କୁହାଯାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ବାପଘରେ ଆତ୍ମହତ୍ୟା କଲେ ମହିଳା

ଜୟପୁର,୧୬।୬(ଡି.ଏନ୍.ଏ./ନି.ପ୍ର.): କୋରାପୁଟ ଜିଲା ଜୟପୁର ସହରର ଏନ.କେ.ଟି ରୋଡ ମନୋଜ କୁମାର କଲ୍ୟାଣ ମଣ୍ଡପ ନିକଟରେ ଜଣେ ବିବାହିତ ମହିଳା ନିଜ ବାପଘର କୂଅକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମୃତକ ହେଉଛନ୍ତି ଉମାଶଙ୍କର ବେହେରାଙ୍କ ଝିଅ ସୁନୀତା (୨୨)। ରାତି ୩ଟାରୁ ବାଥରୁମ ଯାଇ ସେ ଫେରି ନ ଥିଲେ। ପରିବାର ଲୋକ ବହୁତ ଖୋଜାଖୋଜି ପରେ ସନ୍ଦେହରେ କୂଅକୁ ଯାଞ୍ଚ କରିବା ସମୟରେ ତାଙ୍କର ଶାଢ଼ି ଭାସୁଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ କର୍ମଚାରୀମାନେ ପହଞ୍ଚି ତାଙ୍କର ମୃତଦେହ କୂଅରୁ ଉଦ୍ଧାର କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ପ୍ରକାଶ ଯେ, ୨ ବର୍ଷ ତଳେ ସୁନିତା ମାଲକାନଗିରିର ସିଦ୍ଧେଶ୍ୱର ବେହେରାଙ୍କୁ ବିବାହ କରିଥିଲେ। ପାରିବାରିକ କଳହ ଯୋଗୁ ୩ ମାସ ହେଲାଣି ସେ ବାପଘରେ ରହୁଥିଲେ। ତାଙ୍କ ମାନସିକ ଅବସ୍ଥା ଠିକ ନଥିବା ବାପଘର ଲୋକେ କହିଛନ୍ତି। ପୋଲିସ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ବାଲେଶ୍ୱର ଗିଧି ପ୍ରକାଶ କରିଛନ୍ତି।

### ଘଡ଼ଘଡ଼ି ସହ ପ୍ରବଳ ବର୍ଷା
### ଗଛ ପଡ଼ି ୨ ଘର ଭାଙ୍ଗିଲା



କୋରାପୁଟ,୧୬।୬(ସ୍ୱ.ପ୍ର.): କୋରାପୁଟ ସହରରେ ରବିବାର ଅପରାହ୍ନରେ ଘଡ଼ଘଡି ସହ ପ୍ରବଳ ବର୍ଷା ହୋଇଥିବାବେଳେ ଗଛ ଉପୁଡ଼ିଯିବା ଫଳରେ ୨ଟି ଘର ଭାଙ୍ଗିଛି। ଅପରାହ୍ନରେ ୪ଟାରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ହାତିଲାଇନ ଅଞ୍ଚଳରେ ଥିବା ଏସ୍. ରଥିନାୟକ ଓ ବି.କେ. ରଥିନାୟକଙ୍କ ଘର ଉପରେ ଏକ ବିରାଟ ତେନ୍ତୁଳି ଗଛ ପଡ଼ି ନଷ୍ଟ ହୋଇଛି। ୨ଟି ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଘର ଉପରେ ପଡିଥିବା ଗଛ କାଟିଛନ୍ତି। ଜିଲା ଜରୁରୀ ବିଭାଗ ପକ୍ଷରୁ ସ୍ଥାନୀୟ ଆରଆଇଙ୍କ ଜରିଆରେ ଏହି ଦୁଇ ପରିବାରକୁ ତୁରନ୍ତ ପଲିଥିନ ଯୋଗାଇ ଦିଆଯାଇଛି। ପ୍ରାୟ ଦୁଇ ଘଣ୍ଟା ଧରି ୧୨.୫ ମିମି ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗର ମୁଖ୍ୟ କିରାଣି ପ୍ରକାଶ ସାମଲ କହିଛନ୍ତି। ବର୍ଷା ଯୋଗୁ କିଛି ସମୟ ପାଇଁ ସହରରେ ବିଦ୍ୟୁତ ସେବା ବ୍ୟାହତ ହୋଇଥିଲା।

### କେନାଲରେ ବୁଡ଼ି ନାବାଳିକା ମୃତ

ଜୟପୁର, ୧୬।୬(ଡି.ଏନ୍.ଏ.): କୋରାପୁଟ ଜିଲା ଜୟପୁର ସଦରଥାନା କଳାଗୁଡ଼ା ଗ୍ରାମର ୮ ବର୍ଷର ନାବାଳିକାଙ୍କ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ବଳାରାମ ପୂଜାରୀଙ୍କ ଝିଅ ସାବିତ୍ରୀ (୮)। ପୂର୍ବାହ୍ନରେ କେନାଲକୁ ଗାଧୋଇ ଯାଇଥିବା ବେଳେ ଗୋଡ଼ ଖସିଯାଇ ସେ ପାଣିରେ ବୁଡିଯାଇଥିଲେ। ଗ୍ରାମବାସୀ ତାଙ୍କ ପିତାଙ୍କୁ ଖବର ଦେଇଥିଲେ। ପିତା ବଳରାମ କେନାଲକୁ ଡେଇଁ ଝିଅକୁ ଉଦ୍ଧାର କରିବା ସହ ତୁରନ୍ତ ଜୟପୁର ଜିଲା ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହର ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଏନେଇ ଏକ ଅପମୃତ୍ୟୁ ରୁଜୁ କରିଛି ପୋଲିସ।

# ସୁପରଭାଇଜରଙ୍କୁ ନିର୍ଯାତନା ଦେଉଛନ୍ତି ସିଡିପିଓ

ଜୟପୁର,୧୬।୬(ଡି.ଏନ୍.ଏ.)



ଜିଲା ଆଇସିଡିଏସ୍ ସୁପରଭାଇଜର ସଂଘ ବୈଠକରେ ବିରୋଧ ପ୍ରଦର୍ଶନ କରାଯାଉଛି।

■ଅଭିଯୋଗ ଆଣିଲା ସୁପରଭାଇଜର ସଂଘ
■ସତ୍ୟତା ନାହିଁ ବୋଲି କହିଲେ ସିଡିପିଓ

ବୈପାରୀଗୁଡ଼ା ଆଇସିଡିଏସ୍‌ରେ ଅନିୟମିତତାକୁ ପ୍ରଶ୍ରୟ ଦେବା ପାଇଁ ସୁପରଭାଇଜର ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ନିର୍ଯାତନା ଦେଉଛନ୍ତି ସିଡିପିଓ ସୁରମା ମହାପାତ୍ର। ଜୟପୁର ବାଙ୍କମଠରେ ରବିବାର ଅନୁଷ୍ଠିତ ସମନ୍ୱିତ ଶିଶୁ ବିକାଶ ସଂସ୍ଥା (ଆଇସିଡିଏସ୍) ସୁପରଭାଇଜର ସଂଘର ଜିଲା ଶାଖା ବୈଠକରେ ଏଭଳି ଅଭିଯୋଗ ଉଠିବା ସହ ସିଡିପିଓଙ୍କୁ ବିରୋଧ କରାଯାଇଛି।

ବିଭିନ୍ନ ଯୋଜନାରେ ଦୁର୍ନୀତି କରିବା ସହ ଟଙ୍କା ଦେବାକୁ ଦାବିକରି ସିଡିପିଓ ମହାପାତ୍ର ଗତ ମଙ୍ଗଳବାର ସୁପରଭାଇଜର ନିହାରବାଳା ସାହୁଙ୍କୁ ମାନସିକ ନିର୍ଯାତନା ଦେଉଥିବା ଯୋଗୁ ସେ ଅଚେତ ହୋଇଯାଇଥିଲେ। ଚିକିତ୍ସାଳୟରେ ଭର୍ତ୍ତି କରାଯିବା ପରେ ତାଙ୍କର ଚେତା ଫେରିଥିଲା। ରବିବାର ବୈଠକରେ ଏଭଳି ନିର୍ଯାତନା ବାବଦରେ ସୁପରଭାଇଜର ସାହୁ ଅଭିଯୋଗ ରଖିଥିଲେ। ଉକ୍ତ ବ୍ଲକର ଅନ୍ୟ ଦୁଇଜଣ ସୁପରଭାଇଜର ଘଟଣା ସତ୍ୟ ବୋଲି କହିବା ସହ ସେମାନଙ୍କୁ ମଧ୍ୟ ନିର୍ଯାତନା ଦିଆଯାଉଥିବା ପ୍ରକାଶ କରିଥିଲେ। ସଂଘ ପକ୍ଷରୁ ସୁପରଭାଇଜର ସାହୁଙ୍କ ସମେତ ଅନ୍ୟ ଦୁଇଜଣ ସୁପରଭାଇଜର ମିଳିତ ଭାବେ ଜିଲାପାଳ ଓ ଉପଜିଲାପାଳଙ୍କୁ ଜଣାଇଥିବା କହିଛନ୍ତି। ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନନେଲେ ରାଜ୍ୟ ସଂଘକୁ ଜଣାଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ସିଡିପିଓ ମହାପାତ୍ର ପୂର୍ବରୁ ବୈପାରୀଗୁଡ଼ା ଓ କୋରାପୁଟ ବ୍ଲକ ଦାୟିତ୍ୱରେ ଥିବା ସମୟରେ ଅନିୟମିତତା ଅଭିଯୋଗ ପାଇଁ ନିଲମ୍ବିତ ହୋଇଥିଲେ। କିନ୍ତୁ ତାଙ୍କୁ ବୈପାରୀଗୁଡ଼ା ବ୍ଲକରେ ପୁନଃ ଅବସ୍ଥାପିତ କରାଯିବା ନେଇ ବୈଠକରେ ବିସ୍ମୟ ପ୍ରକାଶ ପାଇଛି। ଜିଲାପାଳ କି ବିଧାୟକ କାହାକୁ ଅଭିଯୋଗ କଲେ ସୁଦ୍ଧା ତାଙ୍କର କୌଣସି ଅସୁବିଧା ହେବନାହିଁ ବୋଲି ସିଡିପିଓ ଅଧସ୍ତନ କର୍ମଚାରୀଙ୍କୁ କହୁଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏନେଇ ସିଡିପିଓ ମହାପାତ୍ରଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ଏହିପରି ଅଭିଯୋଗର କୌଣସି ସତ୍ୟତା ନାହିଁ। ସରକାରୀ କାର୍ଯ୍ୟରେ ଅବହେଳା ହେଲେ କୈଫିୟତ ମଗାଯିବ। କିନ୍ତୁ ଅନ୍ୟାନ୍ୟ ଅଭିଯୋଗ ଉଠିବା ଦୁଃଖଦାୟକ। ବୈପାରୀଗୁଡ଼ାର ୧୨ଟି ସେକ୍ଟରରୁ ମାତ୍ର ୨ରୁ ୩ ଜଣ ଅଭିଯୋଗ କରୁଛନ୍ତି ବୋଲି ସେ କହିଛନ୍ତି। ରବିବାର ବୈଠକରେ ସଂଘର ସଂପାଦିକା ମୀନତି ନାୟକ, ଭାରତୀ ତ୍ରିପାଠୀ, କଳ୍ପନା ମହାକୁଡ଼, ସୁନିତା ଦେବୀ ତ୍ରିପାଠୀ, ଗାୟତ୍ରୀ ବାହିନୀପତି, ପି. ଜୟଲକ୍ଷ୍ମୀ, ସୁଚିତ୍ରା ପଣ୍ଡା, ଗୀତା ଗାୟତ୍ରୀ ରଥ, କୁମୁଦିନୀ ଦାଶ ଉପସ୍ଥିତ ଥିଲେ।

## ଭାରତ-ପାକିସ୍ତାନ ମ୍ୟାଚ୍ ପାଇଁ ସଟ୍ଟାବାଜି

କୋରାପୁଟ,୧୬।୬(ସ୍ୱ.ପ୍ର.)

ବିଶ୍ୱକପ କ୍ରିକେଟ ପାଇଁ ରବିବାର ହୋଇଥିବା ଭାରତ-ପାକିସ୍ତାନ ହାଇ ଭୋଲଟେଜ ମ୍ୟାଚ ପାଇଁ କୋରାପୁଟ ସହରର ବିଭିନ୍ନ ସ୍ଥାନରେ ଲକ୍ଷ ଲକ୍ଷ ଟଙ୍କାର ସଟ୍ଟା ଲାଗିଥିଲା। କୋରାପୁଟର ବସ୍‌ଷ୍ଟାଣ୍ଡ, ପୁଚିଳାସାହି ସମେତ ବିଭିନ୍ନ କ୍ଲବଗୁଡିକରେ ଏହି ମ୍ୟାଚ ପାଇଁ ସଟ୍ଟା ଲାଗିବା ନିମନ୍ତେ ବିଶେଷ ସୁବିଧା କରାଯାଇଛି। ପ୍ରତି ଓଭର, ବଲରେ କେତେ ରନ୍ ହେବ, କେତେ ଚୌକା, ଛକା ବାଜିବ, ସମୁଦାୟ କେତେ ରନ୍ ହେବ, କିଏ ଜିତିବ ଭଳି ପ୍ରଶ୍ନରେ ଲକ୍ଷଲକ୍ଷ ଟଙ୍କାର ବାଜି ଲଗାଯାଉଥିବା ଦେଖିବାକୁ ମିଳିଛି। ତେବେ ଏଭଳି ସଟ୍ଟାବାଜି ନେଇ ପୋଲିସ ପାଖରେ କିଛି ସୂଚନା ନାହିଁ।

■ ଟିପ୍ପର ମାଡ଼ିଯାଇ ୩ ଜଣଙ୍କ ମୃତ୍ୟୁ ଘଟଣା

## ଶୋକାକୁଳ ପରିବେଶରେ ଦିଆଗଲା କବର

କୋରାପୁଟ,୧୬।୬(ସ୍ୱ.ପ୍ର.)

ଦାମନଯୋଡ଼ିସ୍ଥିତ ଭେଜାପୁଟରେ ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ୩ ଜଣଙ୍କୁ ରବିବାର ପୂର୍ବାହ୍ନରେ ଶୋକାକୁଳ ପରିବେଶରେ ପୈତୃକ ଗ୍ରାମ ମସ୍ତିପୁଟରେ କବର ଦିଆଯାଇଛି। ଏହି ଅବସରରେ କୋରାପୁଟ ବିଧାୟକ ରଘୁରାମ ପଡାଲ, ପୂର୍ବତନ ବିଧାୟକ ରଘୁରାମ ମାଛ, ଜିଲା ପରିଷଦ ସଭ୍ୟ ପାର୍ବତୀ ମସ୍ତି, ଜେଏଲ୍‌ସି (କେନ୍ଦ୍ରୀୟ)ର ସିନୋଟ ଅଧକ୍ଷ ବିଧାନ ନାୟକ, କୋଷାଧକ୍ଷ ବାବୁଲା ବେନିଆ, କୃଷ୍ଣ କୁଲଦୀପ, ତ୍ରିନାଥ ପାଥିକାଙ୍କ ସମେତ ଭେଜାପୁଟ ଓ ମସ୍ତିପୁଟ ଗ୍ରାମର ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତ ଶୁକ୍ରବାର ରାତି ଗୋଟାଏ ବେଳେ ଦାମନଯୋଡ଼ିର ଭେଜାପୁଟ ଘରେ ଶୋଇଥିବା ବେଳେ ଏକ ବାଲି ବୋଝେଇ ଟିପ୍ପର ଘର ଉପରକୁ ମାଡ଼ିଯାଇଥିଲା। ଏଥିରେ ଆନନ୍ଦ ଖୋସ୍‌ଲା (୪୦), ସ୍ତ୍ରୀ ପଦ୍ମା ଖୋସ୍‌ଲା (୩୨) ଓ ଝିଅ ଜ୍ୟୋସ୍ନାରାଣୀ ଖୋସ୍‌ଲା (୧୦)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ୧୪ ବର୍ଷର ନାବାଳକ ଅବିନାଶ ଖୋସ୍‌ଲା ବର୍ତ୍ତିଯାଇଥିଲେ।



କବରଦେବା ପାଇଁ ମୃତକମାନଙ୍କୁ କଫିନ୍‌ରେ ନିଆଯାଉଛି।

## ଯୁକ୍ତ୨ ପରୀକ୍ଷାର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

କୋରାପୁଟ,୧୬।୬(ସ୍ୱ.ପ୍ର.)



ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

କୋରାପୁଟ ସ୍ଥିତ ଟାଲେଣ୍ଟ କଲେଜ ପକ୍ଷରୁ ରବିବାର ସନ୍ଧ୍ୟାରେ ଆୟୋଜିତ ସମାରୋହରେ ଚଳିତ ଯୁକ୍ତ ଦୁଇ ବିଜ୍ଞାନରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ୨୦ ଜଣ ଛାତ୍ରୀଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହାସହ ସେମାନଙ୍କୁ ଆର୍ଥିକ ପୁରସ୍କାର ମଧ୍ୟ ଦିଆଯାଇଛି। ଟାଲେଣ୍ଟ କଲେଜରେ ପରିସରରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଧକ୍ଷ ମାନସ ରଞ୍ଜନ ପଟ୍ଟନାୟକ ଅଧକ୍ଷତା କରିଥିବା ବେଳେ ଅତିଥି ଭାବେ କୋରାପୁଟର ପୂର୍ବତନ ଜିଲାପାଳ ତଥା ଶାବର ଶ୍ରୀକ୍ଷେତ୍ର ପରିଚାଳନା କମିଟିର ସଂପାଦକ ଗଦାଧର ପରିଡ଼ା, ଡିଏଭି କଲେଜର ପୂର୍ବତନ ଅଧକ୍ଷ ଅମୂଲ୍ୟ ମହାପାତ୍ର, ବରିଷ୍ଠ ପ୍ରାଧ୍ୟାପକ ଡ. ଜଗବନ୍ଧୁ ସାମଲ ଉପସ୍ଥିତ ଥିଲେ। ୮୦ରୁ ୮୫ ପ୍ରତିଶତ ମାର୍କ ରଖିଥିବା ୧୧ ଜଣ ଛାତ୍ରୀଛାତ୍ରଙ୍କୁ ନଗଦ ୫ ହଜାର ଟଙ୍କା ଏବଂ ୮୫ରୁ ୮୮ ପ୍ରତିଶତ ରଖିଥିବା ୮ ଜଣ ଛାତ୍ରୀଛାତ୍ରଙ୍କୁ ୧୦ ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ଦିଆଯାଇଥିଲା। ଅଧାପକ ରବି ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦ୍ୟୁତ୍ ସାମଗ୍ରୀ ଚୋରି ଉଦ୍ୟମ ବିଫଳ

ପଟ୍ଟାଙ୍ଗି,୧୬।୬(ଡି.ଏନ୍.ଏ.)

ପଟ୍ଟାଙ୍ଗି ସଦର ସ୍ଥିତ ଷ୍ଟେଟ୍‌ବ୍ୟାଙ୍କ ଓ ଲ୍ୟାମ୍ପ କାର୍ଯ୍ୟାଳୟ ମଝିଭାଗରେ ରହିଥିବା ବିଦ୍ୟୁତ ସାମଗ୍ରୀକୁ ଶନିବାର ବିଳମ୍ବିତ ରାତିରେ ଚୋରି ଉଦ୍ୟମ ବେଳେ ପୋଲିସ ଏକ ପିକଅପ୍ ଭ୍ୟାନ ଓ ବିଦ୍ୟୁତ ସାମଗ୍ରୀ ଜବତ କରିଛି। ସୂଚନା ଅନୁଯାୟୀ, ଶ୍ରୀଧା ନାମକ ଏକ ଘରୋଇ କମ୍ପାନୀ ଗାଙ୍ଗରାଜପୁର ପଞ୍ଚାୟତ ନିଲାମପାଡୁ ଗ୍ରାମକୁ ଯାଇଥିବା ରାସ୍ତାପାଖରେ ପାୱାର ଗ୍ରୀଡ଼ ନିର୍ମାଣ ଚଳାଇଛି। ଏଥିରେ ବ୍ୟବହୃତ ସାମଗ୍ରୀ ଷ୍ଟେଟ୍‌ବ୍ୟାଙ୍କ ଓ ଲ୍ୟାମ୍ପ କାର୍ଯ୍ୟାଳୟ ମଝିରେ ଥିବା ଏକ ଖୋଲା ପଡିଆରେ ରଖାଯାଇଥିଲା। ଶନିବାର ବିଳମ୍ବିତ ରାତିରେ ଏକ ମ୍ୟାକ୍ସ ପିକଅପ୍ ଭ୍ୟାନ (ଓଡି୦୭ ଏମ୍ ୩୯୭୮)ରେ ବିଦ୍ୟୁତ ତାର ସହ ଅନ୍ୟ ସାମଗ୍ରୀ ଲୋଡ ହେଉଥିବା ଦେଖି ପାଖ ଏଟିଏମ୍‌ର ସୁରକ୍ଷା କର୍ମୀ ପୋଲିସ, ଗ୍ରୀଡ କର୍ମଚାରୀ ଓ ଗଣମାଧ୍ୟମକୁ ଖବର ଦେଇଥିଲେ। ଫଳରେ ୧୦ରୁ ୧୫ ଜଣ ଦୁର୍ବୃତ୍ତ ଗାଡ଼ି ଓ ସାମଗ୍ରୀ ଛାଡ଼ି ପଳାଇ ଯାଇଥିଲେ। ପୋଲିସ ଉକ୍ତ ଭ୍ୟାନ ଓ ଚୋରି ହେଉଥିବା ବିଦ୍ୟୁତ ସାମଗ୍ରୀ ଜବତ କରି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିବା ଏସ୍‌ଆଇ ବିନୟ କୁମାର ରୟ କହିଛନ୍ତି। ପାୱାର ଗ୍ରୀଡ଼ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଥିବା ବେଳେ ଏତେ ପରିମାଣର ବିଦ୍ୟୁତ ସାମଗ୍ରୀ ଫେରସ୍ତ କରା ନ ଯାଇ କେଉଁ ଉଦ୍ଦେଶ୍ୟରେ ଗଚ୍ଛିତ ରଖାଯାଇଥିଲା, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୋସିଆଲ ମିଡିଆରେ ଭାଇରାଲ ଚର୍ଚ୍ଚା

## 'ରବିଙ୍କୁ ହରାଇବାରେ ବବିଙ୍କ ହାତ'

ବବି ଦଳର ଦୃଢ଼ ସଙ୍ଗଠକ, ତାଙ୍କ ନାଁରେ ଏପରି ଅଭିଯୋଗ ଠିକ୍ ନୁହେଁ: ରବି ନନ୍ଦ

ଜୟପୁର,୧୬।୬(ଡି.ଏନ୍.ଏ.)

ଅବିଭକ୍ତ କୋରାପୁଟ ଜିଲାର ୧୪ଟି ବିଧାନସଭା ଆସନରୁ କେବଳ ଜୟପୁରରେ କଂଗ୍ରେସର ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଏଠାରେ ବିଜେଡିର ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ୫ହଜାରରୁ ଅଧିକ ଭୋଟରେ କଂଗ୍ରେସର ତାରାପ୍ରସାଦ ବାହିନୀପତିଙ୍କଠାରୁ ପରାସ୍ତ ହୋଇଛନ୍ତି। ନନ୍ଦଙ୍କୁ ହରାଇବା ପାଇଁ ବିଧାୟକ ତଥା କୋରାପୁଟ ଜିଲା ଦାୟିତ୍ୱରେ ଥିବା ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ପ୍ରରୋଚନାରେ ଜୟପୁର ପୂର୍ବତନ ପୌର ଉପାଧକ୍ଷ, ରାଜ୍ୟ ସଂପାଦକ ଅନୁପ ପାତ୍ର, ଜିଲା ପରିଷଦ ସଦସ୍ୟ ଓ ତାଙ୍କ ସ୍ୱାମୀଙ୍କ ସହାୟତାରେ ଏହିପରି ଆତ୍ମଘାତୀ କାର୍ଯ୍ୟ କରାଯାଇଛି। ବିଜେଡିର କେତେକ ଯୁବକର୍ମୀ ସୋସିଆଲ ମିଡିଆରେ ଏଭଳି ଅଭିଯୋଗ ରଖିବା ପରେ ଏହାକୁ ନେଇ ଜୟପୁର ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ଏହି ଘଟଣା ପରେ ସୋସିଆଲ ମିଡିଆ ମାଧ୍ୟମରେ ପୂର୍ବତନ ମନ୍ତ୍ରୀ ନନ୍ଦ କହିଛନ୍ତି ଯେ, ବିଧାୟକ ବବି ଦାସ ଜଣେ ବରିଷ୍ଠ ନେତା ଓ ଦୃଢ଼ ସଂଗଠକ। ତାଙ୍କ ବିରୋଧରେ ଏହିପରି ଅଭିଯୋଗ କରିବା ଠିକ ନୁହେଁ। ବବିଙ୍କ ସହ ତାଙ୍କର ପାରିବାରିକ ବନ୍ଧୁତା ରହିଛି। ତାଙ୍କ ହାରିବା ନେଇ କେତେକ ସମର୍ଥକ ଭାବପ୍ରବଣ ହୋଇ ସୋସିଆଲ ମିଡିଆରେ ଏହିପରି ପୋଷ୍ଟ କରିବା ତାଙ୍କୁ ଦୁଃଖ ଦେଉଛି ବୋଲି ନିଜ ପ୍ରତିକ୍ରିୟା ରଖିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସାଧାରଣ ନିର୍ବାଚନ ଫଳାଫଳ ଘୋଷଣା ପରେ ସୋସିଆଲ ମିଡିଆରେ ପରସ୍ପରକୁ ନେଇ ଆପେକ୍ଷ ଓ ପ୍ରତିଆକ୍ଷେପ ଚାଲିଛି। ଏହା ଜୟପୁର ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚାର ଖୋରାକ ଯୋଗାଇଆସିଛି। କିନ୍ତୁ ଅନ୍ୟପକ୍ଷରେ ପ୍ରାର୍ଥୀ ଓ ତାଙ୍କର ସମର୍ଥକଙ୍କୁ ଅସନ୍ତୁଷ୍ଟ କରୁଛି। ଏହିପରି ସୋସିଆଲ ମିଡିଆରେ ପୋଷ୍ଟ ଯୋଗୁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଥିବାରୁ ଏଥିପ୍ରତି ପ୍ରଶାସନ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## 'ନିଷ୍ଠା' ପାଳିଲା ରଜ ମହୋତ୍ସବ

ସୁନାବେଡ଼ା,୧୬।୬(ଡି.ଏନ୍.ଏ.)




ସଂସ୍କୃତି ଭବନରେ ଆୟୋଜିତ ରଜ ମହୋତ୍ସବରେ ନାଚଗୀତର ପରିବେଶ।

ସେମିଳିଗୁଡ଼ା ସ୍ଥିତ ସଂସ୍କୃତି ଭବନରେ ସାଂସ୍କୃତିକ ଅନୁଷ୍ଠାନ 'ନିଷ୍ଠା' ପକ୍ଷରୁ ଚାଲିଥିବା ରଜ ମହୋତ୍ସବ-୨୦୧୯ର ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ପ୍ରେସକ୍ଲବ୍ ସଭାପତି ଅଜୟ ସାହୁଙ୍କ ସମେତ 'ସଞ୍ଜୀବନୀ' ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ତଥା ସାମାଜିକ କର୍ମୀ ସଞ୍ଜୀବ ମହାନ୍ତି ଯୋଗ ଦେଇଥିଲେ। 'ନିଷ୍ଠା'ର ନିର୍ଦ୍ଦେଶିକା ମମତା ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ହୁଳହୁଳି, ମେହେନ୍ଦି, ପିଠା ସହ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରଜଗୀତର ତାଳେତାଳେ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ମନେ ପକାଇଥିଲେ ଉପସ୍ଥିତ ସହର ତଥା ଆଖପାଖ ଅଞ୍ଚଳବାସୀ। ସେହିପରି ୩ୟ ସନ୍ଧ୍ୟାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ସହ ସମସ୍ତ ବିଜେତାଙ୍କୁ ପୁରସ୍କୃତ କରାଯିବା କାର୍ଯ୍ୟକ୍ରମ ହୋଇଥିଲା।

## ନାଚଗୀତରେ ଜମିଲା ରଜ ଉତ୍ସବ

ଜୟପୁର,୧୬।୬(ନି.ପ୍ର.)

ଜୟପୁର ଜ୍ୟୋତି କଲ୍ୟାଣ ମଣ୍ଡପ ପରିସରରେ ୧୪ତମ ରଜ ମଉଜ ଉତ୍ସବ ଉଦ୍‌ଯାପିତ ହୋଇଛି। ଏହି ଉତ୍ସବରେ ଇଞ୍ଜିନିୟରିଂ କଲେଜର ଅଧକ୍ଷ ଗୌରୀଶଙ୍କର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ରଜ ମଉଜ କମିଟିର ସମ୍ପାଦକ ଚନ୍ଦ୍ର ମଣି ବାରିକ, ସୁରେଶ ଦାସ, ବିଷ୍ଣୁପ୍ରସାଦ ପାତ୍ର ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅତିଥିଙ୍କ ଦ୍ୱାରା 'ବସୁମତୀ' ପତ୍ରିକା ୨୦୧୯ର ଶୁଭ ଉନ୍ମୋଚନ କରାଯାଇଥିଲା। ପରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ସଫଳ ପ୍ରତିଯୋଗୀ ଏବଂ ବସୁମତୀ ସମ୍ମାନ ୨୦୧୯ ପ୍ରଦାନ କରାଯାଇଥିଲା। ଅବିଭକ୍ତ କୋରାପୁଟ କବି, ଲେଖକ, ଗାଳ୍ପିକଙ୍କ ଦ୍ୱାରା କବିତା ପାଠୋତ୍ସବ ଓ ସାହିତ୍ୟ ଆସର ଅନୁଷ୍ଠିତ ହୋଇଥିଲା। ଜିଲାର ବହୁ କବି ଏଥିରେ ଭାଗ ନେଇଥିଲେ।



ଅତିଥିମାନେ ରଜ ଉତ୍ସବରେ 'ବସୁମତୀ' ପତ୍ରିକା ଉନ୍ମୋଚନ କରୁଛନ୍ତି।

## ଆଜି ଦେବସ୍ନାନ ସହ ଗଜାନନ ବେଶ

ଜୟପୁର,୧୬।୬(ଡି.ଏନ୍.ଏ.)

ଜୟପୁର ଜଗନ୍ନାଥ ମନ୍ଦିର ସ୍ନାନ ମଣ୍ଡପରେ ସୋମବାର ତିନି ଠାକୁର ସ୍ନାନ ପର୍ବ ଅନୁଷ୍ଠିତ ହେବ। ଏନେଇ ଦେବୋତ୍ତର ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ସ୍ନାନ ମଣ୍ଡପରେ ପାଲବନ୍ଧା ଏବଂ ଆମ୍ୱପତ୍ରରେ ସାଜସଜ୍ଜା ହୋଇଛି। ମଧ୍ୟାହ୍ନରେ ମନ୍ଦିରରେ ଠାକୁରମାନଙ୍କ ଅନ୍ନଭୋଗ ଲାଗି ହେବା ପରେ ସାଢ଼େ ଗୋଟାଏରୁ ରତ୍ନ ସିଂହାସନରୁ ତିନି ଠାକୁର, ପତିତପାବନ ଏବଂ ସୁଦର୍ଶନଙ୍କୁ ଓହ୍ଲାଇ ଅଣାଯିବା ପରେ ସେବାୟତଙ୍କ ଦ୍ୱାରା ସାଜସଜ୍ଜା କରାଯିବ। ଅପରାହ୍ନ ସାଢ଼େ ୨ଟାରେ ପହଣ୍ଡି ଆରମ୍ଭ ହୋଇ ସାଢ଼େ ୩ଟାରେ ସ୍ନାନମଣ୍ଡପ ଉପରେ ବିଗ୍ରହମାନେ ବିଜେ କରିବେ। ଏହାପରେ ୧୦୮ଟି ହାଣ୍ଡି ସୁବାସିତ ଜଳରେ ତିନି ଠାକୁର ସ୍ନାନ ପରେ ଗଜାନନ ବେଶରେ ଦର୍ଶନ ଦେବେ। ରାତ୍ରି ୧୧ରେ ଅଣସର ଗୃହକୁ ଯାତ୍ରା କରିବେ। ସେଠାରେ ୧୫ ଦିନ ପରେ ନେତ୍ର ଉତ୍ସବରେ ଭକ୍ତଙ୍କୁ ନବଯୌବନ ବେଶରେ ଦର୍ଶନ ଦେବେ।

■ ହାଟପଦା ସାହି ବାସିନ୍ଦାଙ୍କ ଚେତାବନୀ

## ନଳକୂପ ନ ସଜାଡ଼ିଲେ ଅଫିସ୍‌ରେ ତାଲା

ଦଶମନ୍ତପୁର,୧୬।୬(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ହାଟପଦା ସାହିରେ ଟାଣଖରା ସାଙ୍ଗକୁ ଝାଞ୍ଜି ପବନ ସହ ପାଣି ସମସ୍ୟା ଲୋକଙ୍କୁ ହନ୍ତସନ୍ତ କରୁଛି। ଗଉଡ଼କଣ୍ଟା ଗାଁ ସ୍ଥିତ ଡ୍ୟାମ୍‌ରେ ଜଳସ୍ତର କମିବା ସହ କେନାଲରେ ମଧ୍ୟ ପାଣି ଆସୁନାହିଁ। ଫଳରେ ହାଟପଦା ସାହିରେ ଥିବା ୩ଟି ନଳକୂପ ଏବଂ କୂଅର ପାଣି ଶୁଖିବାକୁ ଲାଗିଲାଣି। ଏହା ଉପରେ ୩୦ ପରିବାର ନିର୍ଭର କରନ୍ତି। ଶୁକ୍ରବାର ସାପ୍ତାହିକ ବ୍ୟବସାୟ ପାଇଁ ଆସୁଥିବା ଲୋକେ ମଧ୍ୟ ଏଠାରେ ଶୋଷ ମେଣ୍ଟାନ୍ତି। ୩ ମାସରୁ ଉର୍ଦ୍ଧ୍ୱ ହେବ କେନାଲରେ ପାଣି ଶୁଖିଯିବା ଯୋଗୁ ଲୋକଙ୍କୁ ବୁନ୍ଦାଏ ପାଣି ମଧ୍ୟ ମିଳିବା କଷ୍ଟକର ହୋଇପଡୁଛି। ବାଧହୋଇ ସେମାନେ ନିକଟସ୍ଥ ନଦୀ ଝରଣା ଏବଂ ଶିବ ମନ୍ଦିର ନିକଟସ୍ଥ ସାଇକ୍ରିଷ୍ଟା କଲୋନୀରେ ଥିବା ଏକ ନଳକୂପରୁ ବହୁ ଦୂର ହୋଇଥିବା ସତ୍ତ୍ୱେ ପାଣି ବୋହୁଛନ୍ତି। କିଛି ପରିବାର ଟ୍ରାକ୍ଟର କିମ୍ବା ଅଟୋ ଯୋଗେ ପାଣି ନେଉଛନ୍ତି। ତୁରନ୍ତ ନଳକୂପଗୁଡିକୁ ସଜାଡି ନ ଦେଲେ ଆମେ ଆରଡବ୍ଲୁଏସ୍‌ଏସ୍ କାର୍ଯ୍ୟାଳୟରେ ତାଲା ଠୁଙ୍କିବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଆରଡବ୍ଲୁଏସ୍‌ଏସ୍‌ର କନିଷ୍ଠ ଯନ୍ତ୍ରୀ ଏସ୍.ଏ. କୁରେସି କହିଛନ୍ତି, ମରାମତି ପାଇଁ ସେ ଶୀଘ୍ର ଟିମ୍ ପଠାଇବେ।



ହାଟପଦା ସାହିର ଲୋକେ ବଡ଼ ଜାରକିନ୍ ଧରି ପାଣି ଆଣିବା ପାଇଁ ଦୂରକୁ ଯାଉଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ଜୁନ୍ ୧୭/୨୦୧୯ Rayagada, Monday, June 17 / 2019

## ସଂକ୍ଷେପରେ



### ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ବାଲିମେଳା, ୧୬।୬(ଡି.ଏନ.ଏ.):** ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ଡ୍ରଗ୍ ଲାଇନରେ ଶନିବାର ରାତିରେ ଏକ ଟ୍ରକ-ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଜଣକର ମୃତ୍ୟୁ ହୋଇଛି। ମୃତକ ହେଲେ ନିଳାକାମ୍ବେରୁ ପଞ୍ଚାୟତର ନିରାକାର ସାହୁ (୨୩)। ଅନ୍ୟ ଜଣେ ବାଲିମେଳା ନଦୀ ଲାଇନର ହେମନ୍ତ ମାଡକାମି(୨୪) ଗୁରୁତର ଆହତ ହୋଇଛନ୍ତି। ଖବରରୁ ଜଣାପଡିଛି ନିରାକାର ଓ ହେମନ୍ତ ବାଇକ୍ (ଓଡି୦୭୫-୯୪୮୭) ଯୋଗେ ପାୱାର ହାଉସ୍ ଯାଇଥିବା ମୁଖ୍ୟ ରାସ୍ତାରେ ଆସୁଥିଲେ। ଏହି ସମୟରେ ଟ୍ରକ (ଓଡି୩୦-୭୪୭୯) ସହ ସେମାନଙ୍କ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ବାଟରେ ନିରାକାରଙ୍କ ମୃତ୍ୟୁ ହୋଇଥିଲା। ହେମନ୍ତ ଚିକିତ୍ସାଧୀନ ଅଛନ୍ତି। ଖବର ପାଇ ଓର୍କେଲ ପୋଲିସ ୨ଟିଯାକ ଗାଡିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ଧରାପଡ଼ିଲେ କ୍ୟାଡ଼ର ମାଓବାଦୀ

**ମାଲକାନଗିରି, ୧୬।୬(ସ୍ୱ.ପ୍ର.):** ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳରେ ବିଏସ୍ଏଫ୍ ଯବାନଙ୍କ କୋମ୍ବିଂ ଅପରେଶନ ବେଳେ ଜଣେ ହାର୍ଡକୋର ମାଓବାଦୀ ଧରାପଡିଛନ୍ତି। ତାଙ୍କ ନାମ ଚନ୍ଦ୍ର ଶିସା ଓରଫ ଚନ୍ଦନ। ସେ ଆନ୍ଧ୍ର-ଓଡ଼ିଶା ଜୋନାଲ ବର୍ଡର କମିଟିର ସଦସ୍ୟ ଥିଲେ। ତାଙ୍କ ନାମରେ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିଲା ବୋଲି ଚନ୍ଦନ ଗିରଫ ନେଇ ସୂଚନା ଦେଲେ ବିଏସଏଫ୍ ଡିଆଇଜି ସୁକୁମାର ଷଡ଼ଙ୍ଗୀ କହିଛନ୍ତି।

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ଫୁଲବାଣୀ ଅଫିସ, ୧୬।୬:** କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ ଜାମଝରୀ ପଞ୍ଚାୟତ କ୍ଷେତାପାଜୁ ଗ୍ରାମ ପାଖ ଜଙ୍ଗଲରେ ଭାଲୁ ଆକ୍ରମଣରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ କ୍ଷେତାପାଜୁର ଦିଜବର ମଲ୍ଲିକ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଫୁଲବାଣୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଦିଜବର ସାଥୀ ଶ୍ୟାମଘନ ମଲ୍ଲିକ ଏବଂ ରବୀନ୍ଦ୍ର ମଲ୍ଲିକ ଜଙ୍ଗଲକୁ କାଠ ଆଣିବା ପାଇଁ ଯାଇଥିଲେ। ଜଙ୍ଗଲରେ କାଠ କାଟୁଥିବା ବେଳେ ଭାଲୁ ହାବୁଡରେ ପଡି ଯାଇଥିଲେ।

# ମୌସୁମୀକୁ ନେଇ ଚିନ୍ତାରେ ଚାଷୀ

**ମାଲକାନଗିରି, ୧୬।୬(ଡି.ଏନ.ଏ.)**

- ବୃକ୍ଷରୋପଣ ପାଇଁ ଆହ୍ୱାନ
- ଆଗେଇପାରୁନି ଚାଷକାର୍ଯ୍ୟ
- ୨ ଜଳଭଣ୍ଡାରର ଜଳସ୍ତର ହ୍ରାସ



ଡ୍ୟାମ୍‌ରେ ଚଳାଚଳ କରୁଥିବା ବୋଟ୍।

ଜୁନ ୧୭ରେ ବିଶ୍ୱ ଅନାବୃଷ୍ଟି ଓ ମରୁଡ଼ି ପ୍ରତିରୋଧ ଦିବସ ପାଳନ ହେବାକୁ ଯାଉଛି। ଏହି ଦିବସ କୃଷକମାନଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିବସ । ବିଭିନ୍ନ କୃଷିଜନିତ ଖାଦ୍ୟଶସ୍ୟ ଉତ୍ପାଦନରେ ଜଳର ଆବଶ୍ୟକତା ଅପରିହାର୍ଯ୍ୟ । ଜଳ ବିନା କୃଷିକାର୍ଯ୍ୟ ଅସମ୍ଭବ । ଯେଉଁ ଦେଶ ଏବଂ ରାଜ୍ୟରେ କୃଷକମାନଙ୍କ ପାଇଁ ଋତୁକାଳୀନ ବର୍ଷା ନ ହୁଏ ସେହି ଦେଶରେ ଖାଦ୍ୟଠାରୁ ଆରମ୍ଭ କରି ଆର୍ଥିକ ଓ ସାମାଜିକ ବିକାଶରେ ବାଧା ସୃଷ୍ଟି ହୋଇଥାଏ । ଫଳରେ ଜୀବଜଗତରେ ଖାଦ୍ୟ ପାଇଁ ହାହାକାର ପଡ଼ିଥାଏ । ବର୍ତ୍ତମାନ ପରିବେଶ ପ୍ରଦୂଷଣ ଯୋଗୁ ନିୟମିତ ବୃଷ୍ଟିପାତ ନ ହେବାରୁ ଏହାର ପ୍ରଭାବ ଜୀବଜଗତ ଉପରେ ପଡୁଛି । ଅନାବୃଷ୍ଟି ଓ ମରୁଡ଼ିକୁ କିପରି ପ୍ରତିରୋଧ କରିହେବ ସେ ନେଇ ସାରା ବିଶ୍ୱ ଚିନ୍ତିତ । ଏଥିପାଇଁ ପ୍ରତିବର୍ଷ ଜୁନ ୧୭କୁ ବିଶ୍ୱ ଅନାବୃଷ୍ଟି ଓ ମରୁଡି ପ୍ରତିରୋଧ ଦିବସ ରୂପେ ପାଳନ କରାଯାଉଛି। ଚଳିତ ବର୍ଷ ମୌସୁମୀ ବର୍ଷା ବିଳମ୍ବ ହୋଇଥିବାରୁ ଚାଷ କାର୍ଯ୍ୟରେ ଅଗ୍ରଗତି ହୋଇପାରିନାହିଁ । ଫଳରେ ମାଲକାନଗିରି ଜିଲାର ଚାଷୀ ଚିନ୍ତାରେ ରହିଛନ୍ତି। ଶତକଡ଼ା ୯୦ ପ୍ରତିଶତ ଚାଷୀ ସେମାନଙ୍କ ଜମିରେ ଚାଷ କାର୍ଯ୍ୟ ଆରମ୍ଭ କରିପାରିନାହାନ୍ତି। ଜିଲାର ବିହନ ନିଗମ ଦ୍ୱାରା ବିଭିନ୍ନ ଲ୍ୟାମ୍ପସ ଓ ଡିଲରଙ୍କୁ ବିଭିନ୍ନ କିସମର ଧାନ ବିହନ ଯୋଗାଇ ଦେଇଥିଲେ ମଧ୍ୟ ବର୍ଷା ଅଭାବରୁ ଜିଲାର ଶତକଡ଼ା ୧୦ ପ୍ରତିଶତ ଚାଷୀ ବିହନ କ୍ରୟ କରିଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ଜିଲାରେ ବାଲିମେଳା ଜଳଭଣ୍ଡାର ଓ ସତୀଗୁଡ଼ା ଜଳଭଣ୍ଡାର ଥିବା ସତ୍ତ୍ୱେ ଏବେ ଉଭୟ ଜଳଭଣ୍ଡାରର ଜଳସ୍ତର ହ୍ରାସ ପାଇଛି। ଫଳରେ ଆଗାମୀ ଖରିଫ ଋତୁରେ ଜମିକୁ ଜଳସେଚନ ନେଇ ଅନିଶ୍ଚିତତା ଦେଖାଦେଇଛି । ବାଲିମେଳା ଜଳ ଭଣ୍ଡାରର ଜଳଧାରଣ କ୍ଷମତା ୧ ଲକ୍ଷ ୨୭ ହଜାର ୫୦୦ ମିଲିୟନ କ୍ୟୁବିକ ଥିବା ବେଳେ ବର୍ତ୍ତମାନ ୧୪୬୦ ଫୁଟ ଜଳସ୍ତର ରହିଛି। ଅନାବୃଷ୍ଟି ହେଲେ ଆଗାମୀ ଦିନରେ ବଡ଼ ସମସ୍ୟା ଦେଖାଦେବ ବୋଲି ଆଶଙ୍କା କରାଯାଉଛି । ସେହିପରି ସତୀଗୁଡ଼ା ଜଳଭଣ୍ଡାରର ଜଳ ଧାରଣ କ୍ଷମତା ୬୭୦୦ ହେକ୍ଟାମିଟର ଥିବା ବେଳେ ସର୍ବାଧିକ ଜଳସ୍ତର ୧୯୨.୬୩ ମିଟର ଓ ସର୍ବନିମ୍ନ ୧୮୨.୮୮ ମିଟର । ବର୍ତ୍ତମାନ ଏହାର ଜଳସ୍ତର ୧୮୪.୨୫ ମିଟର ରହିଛି । ଏହି ଜଳଭଣ୍ଡାର ଜଳସେଚନ ବ୍ୟତୀତ ମାଲକାନଗିରି ସହରକୁ ପାନୀୟ ଜଳ ଯୋଗାଇ ଦେଉଥିବାରୁ ବର୍ତ୍ତମାନ ସ୍ଥିତିରେ ଚାଷଜମି ପାଇଁ ଜଳ ଯୋଗାଣ ଅସମ୍ଭବ ହୋଇପଡ଼ିଛି। ବିଶେଷ କରି ଜୁନ ୧୫ରେ ଖରିଫ ଚାଷ ପାଇଁ କେନାଲରେ ଜଳ ଛଡ଼ାଯିବା କଥା। ମାତ୍ର ଜଳଭଣ୍ଡାରରେ ଜଳ ଅଭାବରୁ କେନାଲରେ ଜଳ ଛଡାଯାଇପାରି ନ ଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଏହି ସମୟରେ ଜଳ ଛଡ଼ାଗଲେ ଚାଷୀମାନେ ତଳି ପକାଇବା କାର୍ଯ୍ୟ ଆରମ୍ଭ କରିଥାନ୍ତି। ଜଳଯୋଗାଣ ହୋଇପାରୁ ନ ଥିବାରୁ ଚାଷ କାର୍ଯ୍ୟ ଆଗେଇପାରୁନାହିଁ । ଏହି ସଙ୍କଟ ଓ ମରୁଡ଼ି ପରିସ୍ଥିତିକୁ ପ୍ରତିରୋଧ କରିବାକୁ ହେଲେ ବିଭିନ୍ନ ଉପାୟ ଅବଲମ୍ବନ କରିବା ଜରୁରୀ ହୋଇପଡ଼ିଛି । ବିଶେଷ କରି ବର୍ଷା ଓ ନଦୀ ଜଳକୁ ସଂରକ୍ଷଣ ସହ ଗ୍ରୀଷ୍ମ ପ୍ରବାହ ଯୋଗୁ ଭୂତଳ ଜଳ ନିମ୍ନଗାମୀ ହୋଇଥିବାରୁ ଏହାକୁ ରୋକିବା ପାଇଁ ବହୁଳ ପରିମାଣରେ ବୃକ୍ଷରୋପଣ ଓ ପ୍ରାକୃତିକ ଜଙ୍ଗଲ ସଂରକ୍ଷଣର ଆବଶ୍ୟକତା ରହିଛି ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।



ଯୋଗଶିକ୍ଷାରେ ସାମିଲ ହୋଇଥିବା ଲୋକମାନେ।

## ପୋଲିସ ପକ୍ଷରୁ ଯୋଗ ଶିକ୍ଷା କାର୍ଯ୍ୟକ୍ରମ

**ମାଲକାନଗିରି, ୧୬।୬ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ଏସପିଙ୍କ କାର୍ଯ୍ୟାଳୟ ପରିସରରେ ରବିବାର ଯୋଗଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଲିସ ବିଭାଗ ପକ୍ଷରୁ ଆତ୍ମସମର୍ପଣକାରୀ ମାଓବାଦୀ ଓ ବରିଷ୍ଠ ନାଗରିକମାନଙ୍କୁ ଏହି ଯୋଗ ଶିକ୍ଷା ପ୍ରଦାନ କରାଯାଇଛି। ଏହାକୁ ଏସ୍.ପି. ଜଗମୋହନ ମୀନା ଉଦ୍‌ଘାଟନ କରିଥିଲେ। ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଯୋଗ ଶିକ୍ଷା ଗ୍ରହଣ କରିଥିଲେ। ଯୋଗ ଦ୍ୱାରା ଶରୀର ସୁସ୍ଥ ରହିବା ସହ ମାନସିକ ସ୍ଥିତି ସୁଦୃଢ ହୋଇଥାଏ। ଶରୀରରୁ ଅନେକ ରୋଗ ଦୂର କରିବାରେ ଯୋଗ ସହାୟକ ହୋଇଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ନେପାଳର କାଠମାଣ୍ଡୁରୁ ଆସିଥିବା ଇନ୍ଦର ଲାମା ସମସ୍ତଙ୍କୁ ଯୋଗ ଶିକ୍ଷା ଦେଇଥିଲେ।

## ପିଲାଙ୍କୁ ପାଠପଢ଼ିବା ପ୍ରତି ଆକୃଷ୍ଟ କରିବା ଉଦ୍ୟମ ପ୍ରଶଂସନୀୟ

**ମାଲକାନଗିରି, ୧୬।୬(ଡି.ଏନ.ଏ.)**

**ଗୋରଖୁଣ୍ଟା ପଞ୍ଚାୟତ**

ମାଲକାନଗିରି ଜିଲାରେ ଆଦିବାସୀଙ୍କ ଶିକ୍ଷାର ବିକାଶ ପାଇଁ ସରକାରଙ୍କ ଉଦ୍ୟମ ଜାରି ରହିଛି। ଏପରି କ୍ଷେତ୍ରରେ ଆଦିବାସୀଙ୍କ ଶିକ୍ଷାର ବିକାଶ ପାଇଁ ଆଉ ଗୋଟିଏ ପାଦ ଆଗେଇ ଆସିଛନ୍ତି ଆଦିବାସୀ ସମ୍ପ୍ରଦାୟର ଅଭିଭାବକମାନେ। ଗ୍ରୀଷ୍ମ ଅବକାଶରେ ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ର ନିଜ ଘରକୁ ଯାଇ ଛୁଟିରେ ଖେଳକୁଦରେ ବ୍ୟସ୍ତ ରହି ବିଦ୍ୟାଳୟରେ ଗ୍ରହଣ କରିଥିବା ଶିକ୍ଷା ଭୁଲିଯାଆନ୍ତି । ଗ୍ରୀଷ୍ମ ଅବକାଶ ପରେ ବିଦ୍ୟାଳୟକୁ ଆସି ଶିକ୍ଷା ଗ୍ରହଣ କ୍ଷେତ୍ରରେ ପଛରେ ରହିଥାନ୍ତି। ଏହାକୁ ଦୂର କରିବା ପାଇଁ ମାଲକାନଗିରି ଜିଲା ସଦର ବ୍ଲକର ଗୋରଖୁଣ୍ଟା ପଞ୍ଚାୟତର ୯ଟି ଗ୍ରାମର ଗ୍ରାମବାସୀ ଏକ ବୈଠକ କରି ଗ୍ରୀଷ୍ମ ଅବକାଶରେ କିପରି ନିଜର ପଞ୍ଚାୟତ ଓ ଅନ୍ୟାନ୍ୟ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଯିବ ସେ ନେଇ ନିଷ୍ପତ୍ତି ନେଇ କୃଷିଓାଡ଼ା ଗ୍ରାମରେ ଥିବା ଛାତ୍ରାବାସରେ ୨ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଥିଲା । ଏହି ଛାତ୍ରୀଛାତ୍ରଙ୍କୁ ୧୦ ଜଣ ଶିକ୍ଷକ ଶିକ୍ଷାଦାନ କରିଥିଲେ । ଗତ ମେ'ରୁ ଆରମ୍ଭ ହୋଇଥିବା ଏହି ଶିକ୍ଷାଦାନ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଛି । ଗୋରାଖୁଣ୍ଟା ସରପଞ୍ଚ ଏରା ପଡ଼ିଆମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଡି.ଆର.ଡି.ଏ.ର ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା, ନୀତି ଆୟୋଗର ଏ.ଡି.ଏଫ. ରାଜଶେଖର ରେଡ୍ଡୀ, ସମାଜସେବୀ ଦୁର୍ଗାପ୍ରସାଦ ତ୍ରିପାଠୀ, ସବୁଜବାହିନୀ ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର, ସମିତିସଭ୍ୟା ଭାରତୀ ରେଡ୍ଡୀ ଯୋଗ ଦେଇଥିଲେ । ଏହି ଅବସରରେ ଏକ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା । ଅତିଥିମାନେ ଗ୍ରାମବାସୀଙ୍କ ଏଭଳି ଉଦ୍ୟମକୁ ପ୍ରଶଂସା କରି ମାଲକାନଗିରି ଜିଲାରେ ଛାତ୍ରୀଛାତ୍ରମାନେ କିପରି ଏପରି ଶିକ୍ଷା ବ୍ୟବସ୍ଥା ପ୍ରତି ଆକୃଷ୍ଟ ହେବେ ସେଥିପ୍ରତି ସମସ୍ତେ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ। ଏଭଳି କାର୍ଯ୍ୟକ୍ରମକୁ ଅନ୍ୟ ଜିଲାରେ ମଧ୍ୟ କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ସହ କେନ୍ଦ୍ର ସରକାରଙ୍କୁ ଏଠିକାର ଶିକ୍ଷା ବ୍ୟବସ୍ଥାରେ ରହିଥିବା ସମସ୍ୟା ବିଷୟରେ ଅବଗତ କରିବେ ବୋଲି ନୀତି ଆୟୋଗର ଏ.ଡି.ଏଫ. ରେଡ୍ଡୀ ପ୍ରକାଶ କରିଥିଲେ । ୫ମ ଶ୍ରେଣୀ, ୧୦ମ ଶ୍ରେଣୀ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପରୀକ୍ଷା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରୀଛାତ୍ରମାନେ ସ୍ୱଚ୍ଛ ଭାରତ ସମ୍ପର୍କିତ ନାଟକ ପରିବେଷଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଆନ୍ତଃରାଜ୍ୟ ପାଣ୍ଡୁମ ମହୋତ୍ସବ ଉଦ୍‌ଯାପିତ



ପାଣ୍ଡୁମ୍ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ମାଲକାନଗିରି, ୧୬।୬(ଡି.ଏନ.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଖଣ୍ଟାଠାରେ ଚାଲିଥିବା ଆନ୍ତଃରାଜ୍ୟ ଆଦିବାସୀଙ୍କ ପାଣ୍ଡୁମ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ତେଲେଙ୍ଗାନା, ଆନ୍ଧ୍ର, ଛତିଶଗଡ଼ ଓ ଓଡ଼ିଶା ରାଜ୍ୟକୁ ନେଇ ଆରମ୍ଭ ହୋଇଥିବା ଏହି ମହୋତ୍ସବ ସୀତାରା ସ୍ୱେଚ୍ଛାସେବୀ ସଙ୍ଗଠନ ଓ ଆଦିବାସୀ ସାଂସ୍କାମା ପରିଷଦ ପକ୍ଷରୁ ଆୟୋଜିତ ହୋଇଥିଲା । ସୀତାରା ସଙ୍ଗଠନର ଅଧ୍ୟକ୍ଷ ସୁନାମ ଭେଙ୍କଟ ରାମାନ୍ନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପିପୁଲସ ଏଗନେଷ୍ଟ ପୋଲାଭରମ ପ୍ରକଳ୍ପ ଜାତୀୟ କମିଟି ଅଧ୍ୟକ୍ଷ ପ୍ରଭାକର ହନ୍ତାଳ, ଜିଲା ପରିଷଦ ଉପାଧ୍ୟକ୍ଷ ବଡ୍ଡୁ ରାଜା, ପୂଜାରୀ ସଂଘ ସଭାପତି କବାସୀ ମଙ୍ଗଳରାମ, ଆଦିବାସୀ ନେତା ସୋୟାମ ଭୀମା, ମାଡ଼କାମି ରାମା, ସେରସିଂ ଆଚାଲା, ଶୁଭ୍ରାଂଶୁ ଚୌଧୁରୀ, ଡ.ଶେଖ ଅନିଫ ପ୍ରମୁଖ ଯୋଗଦେଇ ପୋଲାଭରମ ପ୍ରକଳ୍ପ ଉପରେ ଆଲୋଚନା କରାଯାଇଥିଲା। ଏହି ପ୍ରକଳ୍ପ ଦ୍ୱାରା ତେଲେଙ୍ଗାନା, ଆନ୍ଧ୍ର, ଛତିଶଗଡ଼ ଓ ଓଡ଼ିଶା ରାଜ୍ୟର ପ୍ରାୟ ୬ ଶହ ଗ୍ରାମର ଲୋକେ ବିସ୍ଥାପିତ ହେବାକୁ ଯାଉଛନ୍ତି। ଫଳରେ ଆଦିବାସୀ ପରିବାର ବହୁ ଭାବରେ କ୍ଷତିଗ୍ରସ୍ତ ହେବେ। ଆଦିବାସୀ କଳା, ସଂସ୍କୃତି ଓ ପରମ୍ପରା ଲୋପ ପାଇବ। ଏହି ପ୍ରକଳ୍ପକୁ ବିରୋଧ ଅବ୍ୟାହତ ରଖିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ କୋରାପୁଟ ଜିଲାର ଦୁରୁଆ ନୃତ୍ୟ, କୋରାପୁଟିଆ ଢେମସା ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ଆଦିବାସୀଙ୍କ ସ୍ୱାର୍ଥରକ୍ଷା ଓ ସାମାଜିକ ଅଧିକାର ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ପିପୁଲସ ଏଗନେଷ୍ଟ ପୋଲାଭରମ ପ୍ରକଳ୍ପ ଜାତୀୟ କମିଟି ଅଧ୍ୟକ୍ଷ ହନ୍ତାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗୁଳି ମାଡ଼ରେ ଜଣେ ଗୁରୁତର

**ଫୁଲବାଣୀ ଅଫିସ, ୧୬।୬**

କନ୍ଧମାଳ ଜିଲା ଚକାପାଦ ବ୍ଲକ ଟିକାବାଲି ଥାନା ମିଣିଆଖଡି ଜଙ୍ଗଲରେ ଗୁଳି ମାଡରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଆରାବାକା ପଞ୍ଚାୟତ କାମ୍ବିରିକିଆ ଗ୍ରାମର ଜନକ ମଲ୍ଲିକ। ତାଙ୍କୁ ପ୍ରଥମେ ଟିକାବାଲି ଓ ପରେ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁଳିକାଣ୍ଡର ପ୍ରକୃତ କାରଣ ଜଣା ପଡି ନାହିଁ। ପାରିପାର୍ଶ୍ୱିକ ପରିସ୍ଥିତିକୁ ଲକ୍ଷ୍ୟ କଲେ ଜଙ୍ଗଲକୁ ଶିକାର କରିବାକୁ ଯାଇଥିବା ବେଳେ ଏଭଳି ଘଟଣା ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଜଙ୍ଗଲକୁ କାଠ କାଟିବା ପାଇଁ ଜନକ ଓ ଭାଇ ବିଶ୍ୱନାଥ ଯାଇଥିଲେ। ଗଛ କାଟୁଥିବା ବେଳେ ଜନକଙ୍କ ବାମ ଜଙ୍ଘରେ ପଛପଟୁ ହଠାତ ଏକ ଗୁଳି ଆସି ବାଜିଥିଲା। ସେ ଚିତ୍କାର କରି ତଳେ ପଡି ଯାଇଥିଲେ। ଆଗରେ ଥିବା ଭାଇ ବିଶ୍ୱନାଥ ଆସି ଦେଖିଲା ପରେ ସଙ୍ଗେ ସଙ୍ଗେ ଗ୍ରାମ ଲୋକଙ୍କୁ ଡାକିଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରି ଟିକାବାଲି ମେଡିକାଲକୁ ଅଣାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ଫୁଲବାଣୀ ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ଜନକ କୁହନ୍ତି, ଲଙ୍ଗଳ ପାଇଁ କାଠ ହାଣିବାକୁ ଜଙ୍ଗଲକୁ ଯାଇଥିଲୁ। କାଠ କାଟିଲା ବେଳେ ହଠାତ ପଛପଟୁ କ'ଣ ଗୋଟେ ଆସି ମୋ ଜଙ୍ଘରେ ପଶିଗଲା। ମୁଁ ଦେଖିବାବେଳକୁ ଗୁଳି ବାଜି ରକ୍ତ ବାହାରୁଛି।

## ମାଲକାନଗିରିରେ ପରିବା ଦର ଆକାଶ ଛୁଆଁ

**ମାଲକାନଗିରି, ୧୬।୬(ସ୍ୱ.ପ୍ର.)**



ଜଣେ ବ୍ୟକ୍ତି ପରିବା କିଣୁଛନ୍ତି।

ମାଲକାନଗିରି ଜିଲାରେ ପୋଟେରୁ ଓ ସତୀଗୁଡା ଭଳି ୨ଟି ବୃହତ୍ ଓ ମଧ୍ୟମ ମାଟିବନ୍ଧ ଯୋଜନା ରହିଛି। ଏହି ମାଟିବନ୍ଧ ଯୋଜନାରେ କୃଷିକ୍ଷେତ୍ରକୁ ଜଳସେଚନର ସୁବିଧା କରାଯାଇଛି। ମାତ୍ର ଚଳିତବର୍ଷ ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଜଳାଶୟଗୁଡିକରୁ ଜଳସ୍ତର ହ୍ରାସ ଘଟିଛି। ଏହାର ପ୍ରଭାବ କୃଷିକ୍ଷେତ୍ରଗୁଡିକ ଉପରେ ପଡିଛି। ଜଳଯୋଗାଣ ବନ୍ଦ ରହିଥିବାରୁ ଖରାଦିନିଆ ପନିପରିବା ଚାଷ ହୋଇପାରିନାହିଁ। ଉଠାଜଳସେଚନ ପ୍ରକଳ୍ପଗୁଡିକ ମଧ୍ୟ ଅଚଳ ହୋଇପଡିଛି। ଉଠା ଜଳସେଚନ ଦ୍ୱାରା ମାଲକାନଗିରି ଚାଷୀମାନେ ଭେଣ୍ଡି, ବାଇଗଣ, ତରଭୁଜ, କାକୁଡି, ପୋଟଳ ଆଦି ଚାଷ କରିଥାନ୍ତି। ଏହି ପନିପରିବା ବେଳେବେଳେ ପଡୋଶୀ ରାଜ୍ୟକୁ ଚାଲାଣ ହୋଇଥାଏ। ଅନ୍ୟପକ୍ଷରେ ମାଲକାନଗିରି ଜିଲାକୁ କୋରାପୁଟ ଓ ଆନ୍ଧ୍ର ପ୍ରଦେଶରୁ ପନିପରିବା ଆସି ଥାଏ। ପନିପରିବା ଚାଷ ହୋଇପାରି ନ ଥିବାରୁ ମାଲକାନଗିରି ସଦର ମହକୁମାରେ ବର୍ତ୍ତମାନ ପରିବା ଦର ଆକାଶଛୁଆଁ ହୋଇଛି। ଫଳରେ ଖାଉଟି ହନ୍ତସନ୍ତ ହେଉଛନ୍ତି। ବର୍ତ୍ତମାନ ଟମାଟୋ କିଗ୍ରା ପ୍ରତି ୬୦ଟଙ୍କା, ଫୁଲକୋବି ୬୦, କାଙ୍କଡ ୬୦ରୁ ୮୦, ବାଇଗଣ ୪୦, ଭେଣ୍ଡି ୩୦, କଦଳୀ କିଗ୍ରା ପ୍ରତି ୪୦, କୁନ୍ଦୁରି ୩୦, ବିନ୍ସ ୮୦, କଞ୍ଚାଲଙ୍କା ୮୦, ପୋଟଳ ୪୦, କଲରା ୫୦ଟଙ୍କା, ବନ୍ଧା କୋବି ୪୦ ଓ ଅଦା କିଗ୍ରା ପ୍ରତି ୧୬୦ ଟଙ୍କା ରହିଛି। ପନିପରିବା ଦର ଦିନକୁ ଦିନ ବୃଦ୍ଧି ପାଇ ଚାଲିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏହାକୁ ନିୟନ୍ତ୍ରଣ କରାଯାଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଫଳରେ ବ୍ୟବସାୟୀମାନେ ମନଇଚ୍ଛା ଦରବୃଦ୍ଧି କରି ଲୋକଙ୍କୁ ଶୋଷଣ କରି ଚାଲିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

- ବଜା ମାଡକାମୀ ନିଖୋଜ ଘଟଣା

# ହତ୍ୟା ମାମଲା ରୁଜୁ, ୩ ଅଟକ

**କାଲିମେଳା, ୧୬।୬ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ଏମ୍‌ଭି-୭୯ ଥାନା ଅନ୍ତର୍ଗତ ତାଣ୍ଡବାଇ ପଞ୍ଚାୟତର ୩ଜଣ ଆଦିବାସୀ ଏବଂ ଜଣେ ବଙ୍ଗୀୟ ସମ୍ପ୍ରଦାୟର ବ୍ୟକ୍ତି ତେଲେଙ୍ଗାନାର ବିଜୟୱାଡାକୁ ଦାଦନ ଖଟିବାକୁ ଯାଇଥିଲେ। ସେମାନଙ୍କ ମଧ୍ୟରେ ବଜା ମାଡକାମି ଥିଲେ। ସେ ଘଟଣାକ୍ରମେ ନିଖୋଜ ହୋଇଯାଇଥିଲେ। ତାଙ୍କ ସହ ଯାଇଥିବା ଲୋକେ ତାଙ୍କୁ ଅନେକ ଖୋଜାଖୋଜି କରି ନ ପାଇବାରୁ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏବେ ତାଙ୍କ ମୃତଦେହ ମିଳିବା ପରେ ଅପମୃତ୍ୟୁ ମାମଲା ହତ୍ୟା ମାମଲାରେ ପରିଣତ ହୋଇଛି। ସମ୍ପୃକ୍ତ ୩ ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ଖବରରୁ ଜଣାପଡିଛି, ତାଣ୍ଡବାଇ ପଞ୍ଚାୟତର ଦୁବେଲଗୁଡା ଗ୍ରାମର ବଜା, ଏମ୍‌ଭି ୧୧ ଗ୍ରାମର ବିଶ୍ୱଜିତ୍ ମଣ୍ଡଳ, ଦୁବେଲଗୁଡା ଗ୍ରାମର ସୁନାମ ମୁତା ଓ ତାଣ୍ଡବାଇ ଗ୍ରାମର ସାରିଆ ମୁତା ତେଲେଙ୍ଗାନାର ବିଜୟୱାଡାକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ କିଛିଦିନ କାମ କରିବା ପରେ ନିକଟରେ ଏମାନେ ମାଲକାନଗିରିକୁ ଫେରୁଥିଲେ। ତେଲେଙ୍ଗାନାର ଭଦ୍ରାଚଳମ୍ ଅଞ୍ଚଳରେ ପହଞ୍ଚିବା ପରେ ଦୁବେଲଗୁଡା ଗ୍ରାମର ବଜା ହଠାତ୍ ନିଖୋଜ ହୋଇଯାଇଥିଲେ। ତାଙ୍କ ସହିତ ଥିବା ଅନ୍ୟ ୩ ଜଣ ତାଙ୍କୁ ଅନେକ ଖୋଜାଖୋଜି କରି ନ ପାଇବାରୁ ସମସ୍ତେ ନିଜ ଗ୍ରାମକୁ ଫେରି ଆସିଥିଲେ। ପରେ ଏ ସମ୍ପର୍କରେ ସେମାନେ ଗ୍ରାମର ମୁଖ୍ୟ ଲୋକଙ୍କୁ ଏବଂ ବଜାଙ୍କ ପରିବାରକୁ ଜଣାଇଥିଲେ। ଏନେଇ ବଜାଙ୍କ ପରିବାର ଲୋକେ ଏମ୍‌ଭି-୭୯ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ଘଟଣାଟି ଅନ୍ୟ ରାଜ୍ୟରେ ହୋଇଥିବାରୁ ଏହି ଘଟଣା ଘଟିଥିବା ଅଞ୍ଚଳର ଥାନାରେ ଅଭିଯୋଗ କରିବାକୁ ଏମ୍‌ଭି-୭୯ ଥାନା ପକ୍ଷରୁ କୁହାଯାଇଥିଲା। ବଜାଙ୍କ ପରିବାର ଲୋକେ ଭଦ୍ରାଚଳମ୍ ଥାନାରେ ମଧ୍ୟ ଅଭିଯୋଗ କରିଥିଲେ। ସେଠାରେ ଅଭିଯୋଗ କରିବାର ୪/୫ ଦିନ ପରେ ମୋଟୁ ପଞ୍ଚାୟତ ଅନ୍ତର୍ଗତ କତାଗୁଡା ଜଙ୍ଗଲର ନାଗାବାରମ୍ ଗ୍ରାମ ନିକଟରେ ଏକ ମୃତଦେହ ପଡିଥିବା ମୋଟୁ ଥାନା ଏଏସ୍ଆଇ ପ୍ରେମ ସାଗର ମାଝି ଉକ୍ତ ଅଞ୍ଚଳକୁ ପାଟ୍ରୋଲିଂରେ ଯାଇଥିବାବେଳେ ଦେଖିବାକୁ ପାଇଥିଲେ। ପରେ ମୋଟୁ ଥାନାରେ ଏକ ଅପମୃତ୍ୟୁ ମାମଲା ୩/୧୯ ଗତ ୩୧।୫।୨୦୧୯ରେ ରୁଜୁ ହୋଇ କାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ମୃତଦେହଟି ନିଖୋଜ ଥିବା ବଜାଙ୍କର ହୋଇଥିବ ମନେକରି ପୋଲିସ ବଜାଙ୍କ ପରିବାର ଲୋକଙ୍କୁ ଡାକି ଦେଖାଇଥିଲେ। ଏହି ସମୟରେ ତାଙ୍କ ସ୍ତ୍ରୀ ଏହି ମୃତଦେହ ତାଙ୍କ ସ୍ୱାମୀ ବଜାଙ୍କର ବୋଲି ଚିହ୍ନଟ କରିଥିଲେ। ଏହା ପରେ ମାମଲାର ମୋଡ ବଦଳିଥିଲା। ଅପମୃତ୍ୟୁ ରୂପେ ପଞ୍ଜୀକରଣ ହୋଇଥିବା ଏହି ମାମଲା ହତ୍ୟା ମାମଲାରେ ପରିଣତ ହୋଇଥିଲା। ଏହାର କେସ୍ ନଂ. ୪୪/୧୯। ତେବେ ସେତେବେଳେ ବଜାଙ୍କ ସହ ଥିବା ବିଶ୍ୱଜିତ୍, ସୁନାମ ଓ ସାରିଆଙ୍କୁ ପୋଲିସ ଧରି ଆଣି ଅଟକ ରଖିଛି। ତାଙ୍କୁ ହେପାଜତକୁ ଆଣି ତଦନ୍ତ ଚାଲୁ ରଖିଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ଆଇଆଇସି ରଘୁନାଥ ମାଝିଙ୍କୁ ପଚାରିବାରୁ ସେ କହିଲେ ଯେ, ଘଟଣାର ତଦନ୍ତ ଜାରି ରହିଛି। ସନ୍ଦେହରେ ୩ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ତଦନ୍ତ ସାରିବା ପରେ ଘଟଣା ସମ୍ପର୍କରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ମାଝି କହିଥିଲେ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

ଧରିତ୍ରୀ
DHARITRI
ରାୟଗଡ଼ା, ସୋମବାର, ୧୭ ଜୁନ, ୨୦୧୯



ଈଶ୍ୱର ନାମ ଆଗରେ ଜାତି ଧର୍ମର ବିଦ୍ୱେଷ
ରହିବା ଉଚିତ୍ ନୁହେଁ।
- ଗୁରୁ ନାନକ



## ସଂକ୍ଷେପରେ

### ହିନ୍ଦୁ ସାମ୍ରାଜ୍ୟ ଦିବସ ପାଳିତ

ଗୁଣପୁର,୧୬।୬(ଡି.ଏନ୍.ଏ.): ରାୟଗଡା ଜିଲା ଗୁଣପୁରରେ ଆରଏସ୍ଏସ୍ ପକ୍ଷରୁ ହିନ୍ଦୁ ସାମ୍ରାଜ୍ୟ ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରେ ଆରଏସଏସର ଜିଲା ସଂଘ ଚାଳକ ନନ୍ଦିକେଶ୍ୱର ଚୌଧୁରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଖଣ୍ଡ ଶାରିରିକ ପ୍ରମୁଖ ସୁବ୍ରତ ପଣ୍ଡା ବକ୍ତା ଭାବେ ଯୋଗଦେଇ ଦିବସ ପାଳନ ତାପର୍ଯ୍ୟ ସଂପର୍କରେ କହିଥିଲେ। ମହାରାଜ ଶିବାଜୀ ଉକ୍ତ ଦିନରେ ହିନ୍ଦୁ ସମ୍ରାଜ୍ୟ ପ୍ରତିଷ୍ଠା କରିବା ସହ ତାଙ୍କର ରାଜ୍ୟଭିଷେକ ହୋଇଥିଲା। ଏହି ଦିନକୁ ଆରଏସ୍ଏସ୍ ହିନ୍ଦୁ ସାମ୍ରାଜ୍ୟ ଦିବସ ଭାବେ ପାଳନ କରାଯାଉଛି। ହିନ୍ଦୁମାନଙ୍କ ମଧରେ ଏକତା, ସ୍ୱାଭିମାନ, ଦେଶ ପ୍ରେମଭାବନା ଜାଗ୍ରତ କରିବା ଦିଗରେ ସଂଘ କାର୍ଯ୍ୟ କରୁଥିବା ସୂଚନା ଦିଆଯାଇଛି।

### ଗୁଣିଗାରେଡି ସନ୍ଦେହରେ ୩ ଜଣଙ୍କୁ ହତ୍ୟା ଘଟଣା ଆଉ ଜଣଙ୍କୁ ଅଟକ ରଖିଛି ପୋଲିସ

ଗୁଣପୁର,୧୬।୬(ଡି.ଏନ.ଏ):ରାୟଗଡା ଜିଲା ରାମନାଗୁଡା ବ୍ଲକ ଉକୁମ୍ବାଗୁଡାରେ ଗୁଣିଗାରେଡି ସନ୍ଦେହରେ ୩ ଜଣଙ୍କୁ ହତ୍ୟା କରାଯାଇଥିଲା। ଗୁଣପୁର ପୋଲିସ ଏହି ଘଟଣାରେ ରବିବାର ଆଉ ଜଣଙ୍କୁ ଅଟକ ରଖି ପଚରା ଉଚରା କରୁଛି। ସେ ହେଲେ ଏଣ୍ଡୁ ଓରଫ ପୁରୁଷତ୍ତୋମ ଶବର। ଫେବୃୟାରୀ ୨୩ରେ ଗୋପାଳ ଶବର ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ଏବଂ ଗାଁର ଜଣେ ବୃଦ୍ଧା ଝାଙ୍କିଲି ଶବରଙ୍କୁ ଗୁଣି ଗାରେଡି ସନ୍ଦେହରେ ହତ୍ୟା କରାଯାଇଥିଲା। ସେହି ମାସ ୨୮ ତାରିଖରେ ପୋଲିସ ପ୍ରଥମେ ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଚଳିତ ମାସ ୧୩ ତାରିଖରେ ପୋଲିସ ପୁଣି ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

### ଭାଗବତ ଗାୟକଙ୍କ ପରଲୋକ

ରାମନାଗୁଡ଼ା, ୧୬।୬(ଡି.ଏନ୍.ଏ.): ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ଭାମିନୀ ପଞ୍ଚାୟତ ଅଧୀନ ଲିମାପଦର ଗ୍ରାମର ଭାଗବତ ଗାୟକ ତଥା ସାମାଜିକ କର୍ମୀ ହୃଷିକେଶ ପଣ୍ଡା(ଅନାମ)ଙ୍କ ୬୧ ବର୍ଷ ବୟସରେ ଶନବାର ପରଲୋକ ହୋଇଛି। ସେ ଦୀର୍ଘ ଦିନ ଧରି କର୍କଟ ରୋଗରେ ପୀଡିତ ଥିଲେ। ନିଜର ସ୍ୱତନ୍ତ୍ର ଭାଗବତ ଗାୟନ ଶୈଳୀ ପାଇଁ ସେ ପରିଚିତ ଥିଲେ। ରାମନାଗୁଡ଼ା ବ୍ଲକରେ କଳାକାରଙ୍କୁ ଭତ୍ତା ଯୋଗାଇବାକୁ ସେ ନିରନ୍ତର ପ୍ରଚେଷ୍ଟା କରୁଥିଲେ। ମୃତ୍ୟୁ ସମୟରେ ତାଙ୍କ ସ୍ତ୍ରୀ, ତିନି ଝିଅ ଜ୍ୱାଇଁ ଏବଂ ପରିବାର ଲୋକେ ଉପସ୍ଥିତ ଥିଲେ।

### ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଗଛ ପଡ଼ି ୨ ଘର ଭାଙ୍ଗିଲା

କୋରାପୁଟ,୧୬।୬(ସ୍ୱ.ପ୍ର.): କୋରାପୁଟ ସହରରେ ରବିବାର ଅପରାହ୍ନରେ ଘଡ଼ଘଡି ସହ ପ୍ରବଳ ବର୍ଷା ହୋଇଥିବାବେଳେ ଗଛ ଉପୁଡ଼ିଯିବା ଫଳରେ ୨ଟି ଘର ଭାଙ୍ଗିଛି। ଅପରାହ୍ନରେ ୪ଟାରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ହାତିଲାଇନ ଅଞ୍ଚଳରେ ଥିବା ଏସ୍. ରଥନାୟକ ଓ ବି.କେ. ରଥନାୟକଙ୍କ ଘର ଉପରେ ଏକ ବିରାଟ ତେନ୍ତୁଳି ଗଛ ପଡ଼ି ନଷ୍ଟ ହୋଇଛି। ୨ଟି ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଘର ଉପରେ ପଡିଥିବା ଗଛ କାଟିଛନ୍ତି। ଜିଲା ଜରୁରୀ ବିଭାଗ ପକ୍ଷରୁ ସ୍ଥାନୀୟ ଆରଆଇଙ୍କ ଜରିଆରେ ଏହି ଦୁଇ ପରିବାରକୁ ତୁରନ୍ତ ପଲିଥିନ ଯୋଗାଇ ଦିଆଯାଇଛି। ପ୍ରାୟ ଦୁଇ ଘଣ୍ଟା ଧରି ୧୨.୫ ମିମି ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗର ମୁଖ୍ୟ କିରାଣି ପ୍ରକାଶ ସାମଲ କହିଛନ୍ତି। ବର୍ଷା ଯୋଗୁ କିଛି ସମୟ ପାଇଁ ସହରରେ ବିଦ୍ୟୁତ ସେବା ବ୍ୟାହତ ହୋଇଥିଲା।

### କେନାଲରେ ବୁଡ଼ି ନାବାଳିକା ମୃତ

ଜୟପୁର, ୧୬।୬(ଡି.ଏନ୍.ଏ.): ଜୟପୁର ସଦରଥାନା କଳାଗୁଡ଼ା ଗ୍ରାମର ୮ ବର୍ଷର ନାବାଳିକାଙ୍କ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ବଳରାମ ପୂଜାରୀଙ୍କ ଝିଅ ସାବିତ୍ରୀ (୮)। ପୂର୍ବାହ୍ନରେ କେନାଲକୁ ଗାଧୋଇ ଯାଇଥିବା ବେଳେ ଗୋଡ଼ ଖସିଯାଇ ସେ ପାଣିରେ ବୁଡିଯାଇଥିଲେ। ଗ୍ରାମବାସୀ ତାଙ୍କ ପିତାଙ୍କୁ ଖବର ଦେଇଥିଲେ। ପିତା ବଳରାମ କେନାଲକୁ ଡେଇଁ ଝିଅକୁ ଉଦ୍ଧାର କରିବା ସହ ତୁରନ୍ତ ଜୟପୁର ଜିଲା ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହର ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଏନେଇ ଏକ ଅପମୃତ୍ୟୁ ରୁଜୁ କରିଛି ପୋଲିସ।

---

■ ଯାତ୍ରା ଦେଖି ଯାଇଥିଲେ, ଫେରିଲେନି ସୁରେଶ

# ଘରକୁ ଆସିଲା ମୃତ୍ୟୁ ଖବର

**ରାୟଗଡ଼ାରେ ଯୁବକଙ୍କୁ ହତ୍ୟା**

ରାୟଗଡା ଅଫିସ୍, ୧୬।୬

ମା' ମଝିଘରିଆଣିଙ୍କ ଯାତ୍ରା ଦେଖିବାକୁ ଶନିବାର ସନ୍ଧ୍ୟାରୁ ଯାଇଥିଲେ ଏମ୍.ସୁରେଶ। କିନ୍ତୁ ସେ ଆଉ ଘରକୁ ଫେରି ନ ଥିଲେ। ଘରକୁ ଫେରିଥିଲା ତାଙ୍କ ମୃତ୍ୟୁ ଖବର। ଏହାକୁ ନେଇ ତାଙ୍କ ସହପାଠୀ, ସାଙ୍ଗ ସାଥୀ ଓ ସ୍ଥାନୀୟ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ଖବର ପାଇ ପୋଲିସ ମୃତଦେହ ପଡିଥିବା ସ୍ଥାନରେ ପହଞ୍ଚି ତଦନ୍ତ ଚଳାଇଛି। ପ୍ରାରମ୍ଭିକ ତଦନ୍ତ ଓ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ଏହା ଏକ ହତ୍ୟା ବୋଲି ସନ୍ଦେହ କରାଯାଉ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ମୃତକ ଜଣଙ୍କ ହେଲେ କସ୍ତୁରୀନଗର ଷଷ୍ଠ ଲେନ୍ ଏମ୍.ସତ୍ୟାରାଓଙ୍କ ପୁଅ ଏମ୍.ସୁରେଶ କୁମାର(୧୮)।

ପ୍ରକାଶ ଯେ, ଗତ କିଛିଦିନ ହେଲା କସ୍ତୁରୀନଗରରେ ମା' ମଝିଘରିଆଣୀଙ୍କ ଘଣ୍ଟପର୍ବ ଯାତ୍ରା ଚାଲୁଛି। ଏହାକୁ ଦେଖିବାକୁ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପଢୁଥିବା ଏମ୍.ସୁରେଶ ଶନିବାର ସନ୍ଧ୍ୟାରୁ ଘରୁ ବାହାରି ଯାଇଥିଲେ। କିନ୍ତୁ ରାତିରେ ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ଖବର ମିଳି ନ ଥିଲା। ରବିବାର ସକାଳୁ ରାୟଗଡ଼ା ସହର କସ୍ତୁରୀନଗର ପ୍ରଥମ ଲେନ୍‌ସ୍ଥିତ ଏକ ମାର୍କେଟ କମ୍ପ୍ଲେକ୍ସ ବାରଣ୍ଡାରେ ତାଙ୍କ ମୃତଦେହ ପଡିଥିଲା। ଏହାକୁ ଦେଖି ସ୍ଥାନୀୟ ଲୋକେ ପୋଲିସରେ ଖବର ଦେଇଥିଲେ। ଏସ୍‌ପି ଶର୍ବଣା ବିବେକ ଏମ୍‌ଙ୍କ ତତ୍ତ୍ୱାବଧାନରେ ଏସ୍‌ଡିପିଓ ତପନ କୁମାର ରଥ, ଥାନାଧିକାରୀ ନିହାର ରଞ୍ଜନ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଅଧିକ ତଦନ୍ତ କରୁଥିଲେ । ଏଥିସହ ଆଖପାଖ ଅଞ୍ଚଳରେ ଥିବା ସିସିଟିଭି ଫୁଟେଜକୁ ମଧ୍ୟ ପୋଲିସ ଯାଞ୍ଚ କରୁଥିବା ଜଣାପଡିଛି। ମୃତ ସୁରେଶଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବାବେଳେ ତାଙ୍କ କାନ ଓ ମୁଣ୍ଡରୁ ରକ୍ତସ୍ରାବ ହୋଇଥିଲା। ସେ ପିନ୍ଧିଥିବା ପୋଷାକରେ ମଧ୍ୟ କାଦୁଅ ଲାଗିଥିଲା। ଘଟଣାସ୍ଥଳରେ ପରିବାର ଲୋକେ ପହଞ୍ଚି ଏମ୍. ସୁରେଶଙ୍କୁ ଚିହ୍ନଟ କରିଥିଲେ। ଏହାପରେ ପୋଲିସ ମୃତଦେହ ଉଦ୍ଧାରକରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।ପ୍ରାଥମିକ ତଦନ୍ତରୁ ହତ୍ୟାର ସନ୍ଦେହ କରାଯାଉଥିଲେ ମଧ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହେବାପରେ ସଠିକ୍ ତଥ୍ୟ ଜଣାପଡିବ ଓ ଶୀଘ୍ର ଏହି ଘଟଣାର ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ଶର୍ବଣା ଏମ୍ ବିବେକ କହିଛନ୍ତି । ସତ୍ୟା ରାଓଙ୍କ ଅଭିଯୋଗ ପରେ ରାୟଗଡା ଥାନାରେ କେଶ୍ ନମ୍ବର ୧୮୬/୧୯ରେ ମାମଲା ରୁଜୁ କରାଯାଇଛି ବୋଲି ଥାନାଧିକାରୀ ନିହାର ରଞ୍ଜନ ପ୍ରଧାନ କହିଛନ୍ତି।



ଘଟଣାସ୍ଥଳରେ ସନ୍ଧାନୀ କୁକୁର।



ମୃତ ଏମ୍. ସୁରେଶ

---

■ ସୋସିଆଲ୍ ମିଡିଆରୁ ପ୍ରେମ ପରେ ବିବାହ

# ବିବାହର ବର୍ଷେ ନ ପୁରୁଣୁ ଯୌତୁକ ନିର୍ଯାତନା

**ଗୁଣପୁର ଥାନାରେ ମହିଳାଙ୍କ ଏତଲା**

ଗୁଣପୁର,୧୬।୬(ଡି.ଏନ୍.ଏ.)

ପ୍ରଥମେ ସୋସିଆଲ୍ ମିଡିଆରେ ଚାର୍ଟିଂ ପରେ ଡେଟିଂ। ଏହାପରେ ପ୍ରେମକୁ ସଫଳ କରିବାକୁ ନେଲେ ବିବାହ ନିଷ୍ପତ୍ତି। କିନ୍ତୁ ବାହାଘରକୁ ବର୍ଷେ ନ ପୁରୁଣୁ ଆରମ୍ଭ ହେଲା ଯୌତୁକ ନିର୍ଯାତନା। ରାୟଗଡା ଜିଲା ଗୁଣପୁର ଥାନାରେ ମନ୍ମୟୀ ମହାପାତ୍ର ନାମକ ଜଣେ ମହିଳା ଏହି ଅଭିଯୋଗ କରିଛନ୍ତି। ସ୍ୱାମୀ ସୌମେନ୍ଦ୍ର କୁମାର ପଣ୍ଡା, ଶାଶୁ କଲ୍ୟାଣୀ ଓ ଶଶୁର ଶରତଚନ୍ଦ୍ର ପଣ୍ଡାଙ୍କ ନାମରେ ସେ ଏହି ମାମଲା ରୁଜୁ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଗୁଣପୁରର ମନ୍ମୟୀ ଓ ଭୁବନେଶ୍ୱରର ସୌମେନ୍ଦ୍ର ସୋସିଆଲ ମିଡିଆରେ ବନ୍ଧୁତା କରିଥିଲେ। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଡି ଉଠିଥିଲା। ପରିବାରର ସହମତି କ୍ରମେ ଉଭୟ ବିବାହ କରିବାକ ନିଷ୍ପତ୍ତି ନେଇଥିଲେ। ନିର୍ବନ୍ଧ ସମୟରେ ମନ୍ମୟୀଙ୍କ ବାପା ଅବସରପ୍ରାପ୍ତ ଅଧପକ ଡ.ଅବନୀ ମହାପାତ୍ର ସୌମେନ୍ଦ୍ରଙ୍କ ଆକାଉଣ୍ଟରେ ଯୌତୁକ ବାବଦକୁ ଅଗ୍ରିମ ୧ ଲକ୍ଷ ୨୫ ହଜାର ଟଙ୍କା ଜମା ଦେଇଥିଲେ। ୨୦୦୧୮ ଜୁନ ୧୯ରେ ହିନ୍ଦୁ ରିତିନିତି ଅନୁଯାୟୀ ଉଭୟ ପରିବାର ଉପସ୍ଥିତିରେ ଗୁଣପୁରରେ ବିବାହ ହୋଇଥିଲା। ମନ୍ମୟୀଙ୍କ ପରିବାର ବିବାହ ସମୟରେ ଟିଭି, ସୁନା ଓ ରୁପା ଅଳଙ୍କାର ସହ ଘରକରଣା ସାମଗ୍ରୀ ଦେଇଥିଲେ। ବିବାହ ପରେ ଉଭୟେ ସ୍ତ୍ରୀ ଏବଂ ସ୍ୱାମୀ ଢେଙ୍କାନାଳରେ ରହୁଥିଲେ। ଶାଶୁ, ଶଶୁର ସେଠାକୁ ଆସି ୨୧ ଲକ୍ଷ ଟଙ୍କା ସହ ସୋଫା, ଫ୍ରିଜ୍ ଆଣିବାକୁ ମଣ୍ମୟୀଙ୍କୁ କହିଥିଲେ। ପରିମାଣର ଯୌତୁକ ବାପା ଘର ପକ୍ଷରୁ ଦେଇହେବ ନାହିଁ ବୋଲି ମନ୍ମୟୀ ମନା କରିବା ପରେ ତାଙ୍କୁ ଶାରିରୀକ ମାନସିକ ନିର୍ଯ୍ୟାତନା ଦିଆଯାଇଥିଲା ବୋଲି ଏତଲାରେ ଉଲ୍ଲେଖ ରହିଛି। ସ୍ୱାମୀ ସୌମେନ୍ଦ୍ରଙ୍କର ଅନ୍ୟ ଜଣେ ଝିଅ ସହ ମଧ ସମ୍ପର୍କ ରହିଛି ବୋଲି ମଣ୍ମୟୀ ଜାଣିବାକୁ ପାଇଥିଲେ। ଏ ସବୁକୁ ବନ୍ଦ କରିବାକୁ ମଣ୍ମୟୀଙ୍କ ପରିବାର ସୌମେନ୍ଦ୍ରଙ୍କ ପରିବାର ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ଫାଇଦା ହୋଇ ନ ଥିଲା। ଶେଷରେ ଗତ ମେ ୧୧ ତାରିଖରେ ସୌମେନ୍ଦ୍ର ଗୁଣପୁର ଆସି ଅଧିକା ଯୌତୁକ ଦାବି କରିଥିଲେ। ମଣ୍ମୟୀଙ୍କ ପରିବାର ଯୌତୁକ ଦେବାକୁ ମନା କରିଦେବା ପରେ ସୌମେନ୍ଦ୍ର ସେମାନଙ୍କୁ ଅସଦ୍ ବ୍ୟବହାର କରିଥିଲେ। ଏହାର ପରିଣାମ ଖରାପ ହେବ ବୋଲି ଚେତାବନୀ ଦେଇଥିଲେ। ତାଙ୍କୁ ଉପଯୁକ୍ତ ନ୍ୟାୟ ଦେବାକୁ ମନ୍ମୟୀ ଏତଲାରେ ଉଲ୍ଲେଖ କରିଛନ୍ତି।ପୋଲିସ ଏହାର ତଦନ୍ତ କରୁଛି।

---

■ ମାଙ୍ଗେଇ ଗମାଙ୍ଗଙ୍କ ଜନ୍ମ ଉତ୍ସବ

# ସଉରା ଭାଷା, ଲିପିକୁ ସାମ୍ବିଧାନିକ ମାନ୍ୟତା ଦାବି



ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ଗୁଣପୁର,୧୬।୬(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁରଠାରେ ସଉରା ପଣ୍ଡିତ ସ୍ୱର୍ଗତ ମାଙ୍ଗେଇ ଗମାଙ୍ଗଙ୍କ ୧୦୩ତମ ଜନ୍ମ ଜୟନ୍ତୀ ରବିବାର ପାଳିତ ହୋଇଛି। ପରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ଶବର ସମାଜର ଲୋକମାନେ ମାଙ୍ଗେଇ ଗମାଙ୍ଗଙ୍କ ଫଟୋ ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରେ ସ୍ଥାନୀୟ ଆୟାପା ମନ୍ଦିର ନିକଟରେ ଏକ ସଭା କରାଯାଇଥିଲା। ଶବର ସାଂସ୍କୃତିକ ସଂଘ ସଭାପତି ଚକ୍ରପାଣି ଶବରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ, ବ୍ଲକ ଅଧ୍ୟକ୍ଷା ଦେବକୀ ଗମାଙ୍ଗ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗଙ୍କ ସମେତ ଉଷାବତି ଗମାଙ୍ଗ, ଅର୍ଜୁନ ଶବର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଭାଷା, ଲିପି ଏବଂ ଜାତି ପାଇଁ ମାଙ୍ଗେଇ ଗମାଙ୍ଗଙ୍କ ଅବଦାନ ଅତୁଳନୀୟ। ସୌରା ଭାଷା ଏବଂ ଲିପିକୁ ସାମ୍ବିଧାନିକ ମାନ୍ୟତା ଦିଆଯାଉ ବୋଲି ଅତିଥିମାନେ ଦାବି କରିଥିଲେ। ୱାରନାଇବିକ ଗମାଙ୍ଗ, ରାଧାକାନ୍ତ ଶବର, ଗୁଣସାଇ ଶବର, ଆନନ୍ଦ ଶବର, କାହ୍ନୁ ଶବରଙ୍କ ସମେତ ଆନ୍ଧ୍ରରୁ କାଡିକା ମେଦିର, ନିଳକଣ୍ଠ ଶବର, ଗାବ୍ରିଏଲ ବୋୟାଙ୍କ ଭଳି ବିଭିନ୍ନ ସଙ୍ଗଠନରୁ ଆଦିବାସୀ ନେତା ଉପସ୍ଥିତ ଥିଲେ। ଭାଷା ଏବଂ ଜାତିକୁ ବଞ୍ଚାଇବା ସହ ତାହାର ପ୍ରଚାର ପ୍ରସାର କରିବା ସମସ୍ତଙ୍କର ମୂଳମନ୍ତ୍ର ହେବା ଆବଶ୍ୟକ ବୋଲି ସେମାନେ କହିଥିଲେ। ବିଭିନ୍ନ ଆଦିବାସୀ ସଙ୍ଗଠନ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃଷ୍ଣ ଶବର, ରାମ ପ୍ରସାଦ ଗମାଙ୍ଗ, ବବିତା ଗମାଙ୍ଗ, ଫାଲଗୁନି ଶବର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

---

## ନିର୍ବାଚନ ସମୀକ୍ଷା ପାଇଁ ପୂର୍ବତନ ବ୍ଲକ ସଭାପତିଙ୍କ ଦାବି

ମୁନିଗୁଡ଼ା,୧୬।୬(ଡି.ଏନ୍.ଏ.)

ଗତ ସାଧାରଣ ନିର୍ବାଚନକୁ ଇତି ମଧ୍ୟରେ ଏକ ମାସରୁ ଅଧିକ ସମୟ ହୋଇଯାଇଛି। ରାୟଗଡା ଜିଲାରେ ନିର୍ବାଚନ ଫଳାଫଳକୁ ନେଇ ଅଦ୍ୟାବଧି ସମୀକ୍ଷା ବୈଠକ ଅନୁଷ୍ଠିତ ହେଉ ନ ଥିବା ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ମୁନିଗୁଡ଼ା ବ୍ଲକ ସଭାପତି ବୀରଭଦ୍ର ଆଚାରୀ ଅଭିଯୋଗ କରିଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିଚାଳିତ ସାଧାରଣ ନିର୍ବାଚନରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟକୁ ବିପୁଳ ଜନ ସମର୍ଥନ ମିଳିଛି। ଏଥିସହ ଓଡ଼ିଶାରେ ଦଳର ସ୍ଥିତିରେ ଉନ୍ନତ ହେବା ସହ ସହ ଦୁଇଜଣ ଓଡିଆ ଏମ୍‌ପିଙ୍କୁ କେନ୍ଦ୍ର ମନ୍ତ୍ରୀ ମଣ୍ଡଳରେ ସ୍ଥାନ ମିଳି ଥିବାରୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି। ତେବେ କୋରାପୁଟ ଲୋକସଭା ଆସନ ସମେତ ରାୟଗଡା ଜିଲାର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦଳର ପରାଜୟର କାରଣ ସମ୍ପର୍କରେ ଆଜି ପର୍ଯ୍ୟନ୍ତ ଦାୟିତ୍ୱରେ ଥିବା କର୍ମକର୍ତ୍ତା ସମୀକ୍ଷା କରୁ ନ ଥିବାରୁ ଆଚାରୀ କ୍ଷୋଭ ପ୍ରକାଶ କରିଛନ୍ତି । ପରାଜୟ କାରଣ ଖୋଜିବା ସହ ଆଗାମୀ ଦିନ ପାଇଁ ରଣନୀତି ପ୍ରସ୍ତୁତ କରିବାକୁ ଦଳୀୟ ସେ ଉଚ୍ଚ ପଦାଧିକାରୀଙ୍କ ନିକଟରେ ଦାବି ଉକରିଛନ୍ତି।

---

# ୫୦ ଚାଷୀଙ୍କୁ ସମ୍ବର୍ଦ୍ଧନା

ଜେକେପୁର, ୧୬।୬(ଡି.ଏନ୍.ଏ.)

ରାୟଗଡ ଜିଲା ଚାନ୍ଦିଲି ପଞ୍ଚାୟତ ଜେକେପୁରସ୍ଥିତ ଜେକେ କାଗଜ କଳ ଫରେଷ୍ଟ ଅର୍ଗାନାଇଜେଶନ ସମ୍ମିଳନୀ କକ୍ଷରେ ଶନିବାର ଏକ କୃଷକ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ନାଗାବଳୀ କୃଷି ସମବାୟ ସମିତି ଲିମିଟେଡର ୫୦ଜଣ କୃଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଜେକେ କାଗଜ କଳ ବନୀକରଣ ବିଭାଗର ପରିଚାଳକ ବିଜୟ ପ୍ରସାଦ ରଥ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଗତିଶୀଳ ଚାଷୀଙ୍କୁ ସେମାନଙ୍କ କାର୍ଯ୍ୟ ପାଇଁ ପ୍ରଶଂସା କରାଯାଇଥିଲା।କାର୍ଯ୍ୟକ୍ରମକୁ ସମିତିର ମୁଖ୍ୟ କାର୍ଯ୍ୟନିବାହୀ ଅଧିକାରୀ ଏବଂ କର୍ମଚାରୀ ପରିଚାଳନା କରିଥିଲେ। ସମ୍ମାନିତ ହୋଇଥିବା ଦୁଦୁଲି, କେଲୁଗୁଡା,କାର୍ଲାକାଣା ଏବଂ ବଡଖିଲାପଦର ପଞ୍ଚାୟତର ଚାଷୀମାନେ ସମବାୟର ଆର୍ଥିକ ଏବଂ ବୈଷୟିକ ସହଯୋଗିତାରେ ନୀଳଗିରି ବନୀକରଣ ଏବଂ ଆନ୍ତଃ ଚାଷ ଦ୍ୱାରା ଲକ୍ଷାଧିକ ଅର୍ଥ ଉପାର୍ଜନ କରି ସାମାଜିକ ଏବଂ ଅର୍ଥନୈତିକ ସ୍ଥିତିକୁ ଉନ୍ନତ କରିଛନ୍ତି।




ଜଣେ ଚାଷୀଙ୍କୁ ପୁରସ୍କୃତ କରାଯାଉଛି।

---

# ୧୧୫ୟୁନିଟ ରକ୍ତ ସଂଗ୍ରହ

ରାୟଗଡା ଅଫିସ୍, ୧୬।୬

ରାୟଗଡା ସହରର ରୟତକଲୋନୀ ସ୍ଥିତ ସତ୍ୟସାଇ ସେବା ସମିତି ଓ ଆରସିସି କ୍ରିକେଟ ଟିମ୍ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ୧୧୫ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ସାମାଜିକ କର୍ମୀମାନେ ରକ୍ତଦାନ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତ ଅଭାବ ଲାଗି ରହିଥିବା ବେଳେ ଏହି ଶିବିର ବେଶ ସହାୟକ ହୋଇଛି। ସଂଗୃହିତ ସମସ୍ତ ୧୧୫ୟୁନିଟ୍ ରକ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରଦାନ କରାଯାଇଛି। ଶିବିରକୁ ସତ୍ୟସାଇ ସେବା ସମିତି ସଭାପତି ରାବଣାମୂର୍ତ୍ତି, ଆବାହକ ଏସ୍.ସୋମେଶ୍ୱର, ପି.କେ ବର୍ମା, ଶ୍ୱେତ କୁମାର ବଳ ପ୍ରମୁଖ ପରିଚାଳନା କରିଥିଲେ।



ଜଣେ ଯୁବକ ରକ୍ତଦାନ କରୁଛନ୍ତି।

---

# ସରିଲା ରଜ ମଉଜ

■ ପିଠା-ପାନ-ଦୋଳିରେ ଜମିଲା ୩ଦିନ



ପିଲାମାନେ ଦୋଳି ଖେଳର ମଜା ଉଠାଉଛନ୍ତି।



ଯୁବତୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଟିକିରି, ୧୬।୬ (ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ବଫଲାମାଳି ଖଣି ପ୍ରଭାବିତ ଅଞ୍ଚଳର ପାଇକ କୃପାଖାଲ ଗାଁରେ ଚାଲିଥିବା ରଜ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ତିନିଦିନନ ଧରି ଚାଲିଥିବା ଏହି ଉତ୍ସବର ପ୍ରଥମ ଦିନରେ ଉତ୍କଳ ଆଲୁମିନା ଖଣି ବିଭାଗ ପରିଚାଳକ ସୁକାନ୍ତ ମହାପାତ୍ର ମୁଖ୍ୟ ଅତିଥି ଓ କମ୍ପାନୀ ସିଏସ୍ଆର ଆଡ୍‌ମିନ ଲୋପମୁଦ୍ରା ପ୍ରିୟଦର୍ଶନୀଙ୍କ ସହିତ ପଙ୍କଜ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।
ଦ୍ୱିତୀୟ ଦିନରେ ଭାଜପାର ବସନ୍ତ ଉଲାକାଙ୍କ ସହିତ ବେଲଧର ମାଝି ଉପସ୍ଥିତ ଥିଲେ। ଏହି ଅବସରରେ ଚାରାରୋପଣ କରାଯାଇଥିଲା। ତୃତୀୟ ଦିନରେ ଗ୍ରାମର ଭଦ୍ରବ୍ୟକ୍ତିମାନଙ୍କୁ ସମ୍ମାନିତ କାରାଯାଇଥିଲା। ଉତ୍କଳୀୟ ସଂସ୍କୃତିରେ ପାରମ୍ପରିକ ରଜ ମହୋତ୍ସବ ପାଳନର ତାତ୍ପର୍ଯ୍ୟ ବିଷୟ ଅତିଥିମାନେ କହିଥିଲେ। ସେହିପରି ଗତ କିଛିବର୍ଷ ହେଲା ପାଇକ କୁପାଖାଲ ଅଞ୍ଚଳରେ ରଜ ମହୋତ୍ସବ ପାଳନ କରାଯାଉଥିବାରୁ ଆୟୋଜକମାନଙ୍କୁ ପ୍ରଶଂସା କରାଯାଇଛି। ଏହି ଅବସରରେ ଦୋଳିଖେଳ ସହ ମ୍ୟୁଜିକ୍ ଚେୟାର ଭଳି ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଗ୍ରାମର ଯୁବତୀମାନେ ସାମିଲ ହୋଇଥିଲେ। ସେହିପରି ମାଟ୍ରିକ୍ ସହ ଅନ୍ୟ ପରୀକ୍ଷାରେ ସଫଳତାର ସହ ପାସ୍ ହୋଇଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥିମାନେ ଶେଷରେ ମିଠା, ପିଠା ଓ ପ୍ରଦାନ କରିଥିଲେ। ପତିଯୋଗୀମାନେ ସ୍ୱତନ୍ତ୍ର ପୋଷାକ ପରିଧାନ କରିଥିଲେ। ଅନୁଷ୍ଠାନ ପକ୍ଷରୁ କମ୍ପାନୀ ଅଧିକାରୀ ସହିତ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ଅଞ୍ଚଳର ଖବରଦାତା ମଧୁସୂଦନ ନାୟକ, ପ୍ରଫୁଲ୍ଲ କୁମାର ବେହେରା, ମହେନ୍ଦ୍ର ସ୍ୱାଇଁ, ଆର.କେ. ନାୟକ, ଉମ୍ବରୁଧର ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ଗୁଣନିଧି ବାଘଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ରଜ ମହୋତ୍ସବରେ ଶେଷଗିରି ନାଏକ, ରେଣୁବାଳା ନାଏକ, ଅନନ୍ତ ନାୟକ, ସୁକାନ୍ତୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ।